୬

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

TM

ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ମୂଲ୍ୟ ୨.୦୦ ଟଙ୍କା : 8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୩୦୭ ● ୬ ଡିସେମ୍ବର ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-307 ● 6th December 2024, Friday ● Bhubaneswar

Licensed to post without pre-payment of postage No- BN-60/25-27

ଆଜିଠୁ ଦ୍ୱିତୀୟ ଟେଷ୍ଟ : ଓପନିଂ କରିବେ କେଏଲ ରାହୁଲ ଓ ଯଶସ୍ୱୀ ଜୈସ୍ୱାଲ

୧୨୧୫୫ କୋଟି ୭୩ଲକ୍ଷ ୫୧ ହଜାର ଟଙ୍କାର ବ୍ୟୟମଞ୍ଜୁରୀ ବିଲ୍ ପାରିତ

ରାଜ୍ୟର ଋଣଭାର ପୋଷଣୀୟ ସ୍ତରରେ ଅଛି

ଭୁବନେଶ୍ୱର, ୫/୧୨
ନ୍ୟୁଜ ବ୍ୟୁରୋ

ବିରୋଧି ଦଳର କକ୍ଷତ୍ୟାଗ ମଧ୍ୟରେ ଗୁରୁବାର ବିଧାନସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୨୧୫୫ କୋଟି ୭୩ଲକ୍ଷ ୫୧ ହଜାର ଟଙ୍କାର ବ୍ୟୟମଞ୍ଜୁରୀ ବିଲ୍ ପାରିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ତରଫରୁ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ବିଲ୍ ଗୃହରେ ଆଗତ କରିବା ପରେ ଦୀର୍ଘ ସମୟଧରି ଏହା ଉପରେ ସରଗରମ ଆଲୋଚନା ହୋଇଥିଲା। ବିଲ୍ ଆଲୋଚନାର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଯେ, ଏହି ବଜେଟ୍ ଏକ ବିକଶିତ ଓଡ଼ିଶା ନିର୍ମାଣ ରୂପରେଖ ପ୍ରସ୍ତୁତ କରିଛି। ବିକଶିତ ଓଡ଼ିଶା ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ଆମେ ପରିବର୍ତ୍ତନ, ବିକାଶ, ସୁ-ଶାସନ ଓ ଓଡ଼ିଆ ଅସ୍ମିତା ଉପରେ ଗୁରୁତ୍ୱ ଦେଇଛୁ। ଏହି ବଜେଟ୍‌ରେ ଆମେ ବିକଶିତ ଭାରତ ଗଠନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ସହିତ ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶହେ ବର୍ଷ ପୂର୍ତ୍ତି ଅବସରରେ ବିକଶିତ ଓଡ଼ିଶା ଲକ୍ଷ୍ୟ ହାସଲ ପାଇଁ ଖସଡା ପ୍ରସ୍ତୁତ କରିଛୁ। ପ୍ରଧାନମନ୍ତ୍ରୀଙ୍କ ସବ୍‌କା ସାଥ ସବ୍‌କା ବିକାଶ ମନ୍ତ୍ରକୁ ଆଧାରକରି ଅତିରିକ୍ତ ବଜେଟ୍ ପ୍ରସ୍ତୁତ କରାଯାଇଛି। ଏଥିରେ କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ୧୦ହଜାର ୧ଶହ ୫୫ କୋଟି ଟଙ୍କା, ରାଜସ୍ତରୀୟ ଯୋଜନା ବାବଦକୁ ୮୧୨୧କୋଟି ଟଙ୍କା, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ବାବଦକୁ୨୦୧୧କୋଟି ଟଙ୍କା, କେନ୍ଦ୍ରସ୍ତରୀୟ ଯୋଜନା ପାଇଁ ୨୩ କୋଟି ଟଙ୍କା ପ୍ରସ୍ତାବ ଦିଆଯାଇଛି। କାର୍ଯ୍ୟକ୍ରମ ବ୍ୟୟ ବାବଦରେ ସ୍ୱାସ୍ଥ୍ୟ କ୍ଷେତ୍ର, ମହିଳା, ଶିଶୁ କଲ୍ୟାଣ ପାଇଁ ମହିଳା ଓ ଶିଶୁବିକାଶ, ଗୃହ ଓ ନଗର ଉନ୍ନୟନ କ୍ଷେତ୍ର, ପୁଞ୍ଜିନିବେଶ, ନିରାପତ୍ତା, ଶିକ୍ଷା ଓ ଦକ୍ଷତା ବିକାଶ, ଆଦିବାସୀ ଓ ଜନଜାତି କଲ୍ୟାଣ, ଗ୍ରାମୀଣ ବିକାଶ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତି କରଣ, ଓଡ଼ିଆ ଭାଷା ଓ ସଂସ୍କୃତି ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ଜନସ୍ୱାସ୍ଥ୍ୟ ସେବା ପାଇଁ ଅତିରିକ୍ତ ବଜେଟ ରେ ଆଉ ୧୫୩୦ କୋଟି ଟଙ୍କା, ଏଥି ମଧ୍ୟରୁ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ପାଇଁ ୬୦୪୪କୋଟି, ଜାତୀୟ ସ୍ୱାସ୍ଥ୍ୟମିଶନ ପାଇଁ ୧୦୫୬କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାରେ ଅଦ୍ୟାବଧି ସରକାର ୨ହଜାର ୮ଶହ କୋଟି ଟଙ୍କା ଖର୍ଚ୍ଚ କରି ସାରିଛନ୍ତି ବୋଲି ସେ କହିଥିଲେ। ସେହିପରି ସୁଭଦ୍ରା ଯୋଜନା ପାଇଁ ଆବଶ୍ୟକ ଅର୍ଥ ୧୦ହଜାର କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ମହିଳା ବିକାଶ କ୍ଷେତ୍ର ପାଇଁ ବଜେଟରେ ୧ହଜାର ୨ଶହ ୩୦କୋଟି ଟଙ୍କା, ସୁଭଦ୍ରା ଯୋଜନାରେ ଯୋଗ୍ୟ ମହିଳା ହିତାଧିକାରୀଙ୍କ ପାଇଁ ୧ହଜାର ୧ଶହ ୪୬କୋଟି ଟଙ୍କାର ବ୍ୟବସ୍ଥା ହୋଇଛି ବୋଲି ମନ୍ତ୍ରୀ କହିଥିଲେ। ସହରାଞ୍ଚଳ ବିକାଶ ପାଇଁ ୧ହଜାର କୋଟି ଟଙ୍କା, ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ୫୯୨କୋଟି, ଶିକ୍ଷା, କ୍ରୀଡା, ଦକ୍ଷତା ବିକାଶ ପାଇଁ ୧ହଜାର ୨ଶହ ୮୬କୋଟି, ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ବିକାଶ ତଥା *(ପୃଷ୍ଠା ୭ରେ)*

ଆଇନ୍ ବ୍ୟବସ୍ଥାକୁ ସହଜ କରିପାରିଲେ ଗରିବ ଲୋକ ଉପକୃତ ହେବେ: ରାଷ୍ଟ୍ରପତି

ଭୁବନେଶ୍ୱର, ୫/୧୨
ନ୍ୟୁଜ ବ୍ୟୁରୋ

ନ୍ୟାୟ ମିଳିବାରେ ବିଳମ୍ବ ହେଲେ ନ୍ୟାୟ ନମିଳିବା ଭଳି ଅନୁଭବ ହୋଇଥାଏ। ନ୍ୟାୟିକ ବ୍ୟବସ୍ଥାରେ ଗରିବ ଲୋକମାନେ ଅଧିକ କଷ୍ଟ ଭୋଗୁଛନ୍ତି। ବାରମ୍ବାର କୋର୍ଟକୁ ଯିବା ପାଇଁ ସେମାନଙ୍କର ଲୋକବଳ ଓ ଅର୍ଥ ବଳ ନଥାଏ। ତେଣୁ ଗରିବ ଲୋକମାନେ ଯେଭଳି ସହଜରେ ନ୍ୟାୟ ପାଇପାରିବେ, ସେହିଭଳି ବ୍ୟବସ୍ଥା ହେବା ଦରକାର ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁତ୍ୱ ଆରୋପ କରିଛନ୍ତି। ଗୁରୁବାର ଭୁବନେଶ୍ୱର କୋର୍ଟ ପରିସରରେ ନବନିର୍ମିତ ଜୁଡିସିଆଲ କମ୍ପଲେକ୍ସକୁ ଉଦ୍‌ଘାଟନ କରିବା ଅବସରରେ ରାଷ୍ଟ୍ରପତି ଏହା କହିଛନ୍ତି। ସେ କହିଥିଲେ ଯେ, ସାଧାରଣ ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯାଇପାରିବ। ଦେଶର ଆଇନ ବ୍ୟବସ୍ଥାକୁ ସହଜ କରିପାରିଲେ ଗରିବ ଲୋକ ଉପକୃତ ହେବେ। ସାଧାରଣ ଲୋକ ଜାଣିପାରନ୍ତି ନାହିଁ ଯେ, କୋର୍ଟରେ ଓକିଲ କିଭଳି ଯୁକ୍ତି କରୁଛନ୍ତି ଏବଂ ବିଚାରପତି କିଭଳି ନ୍ୟାୟ ପ୍ରଦାନ କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଚାର ଗୁଡ଼ିକ ଆଞ୍ଚଳିକ ଭାଷାରେ ଅନୁବାଦ କରାଯିବା ଉଚିତ। ଓଡ଼ିଶା ସରକାରଙ୍କ ଦ୍ୱାରା ଆଇନ୍ ସଂପର୍କିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ୱେବସାଇଟରେ ଉପଲବ୍ଧ କରାଯାଉଥିବା ଜାଣି ଖୁସି ବ୍ୟକ୍ତ କରିଛନ୍ତି ରାଷ୍ଟ୍ରପତି। ଓଡ଼ିଶାରେ ଗ୍ରାମ୍ୟ ନ୍ୟାୟାଳୟ ପ୍ରତିଷ୍ଠା କରାଯାଉଛି। ଏହା ପ୍ରଶଂସନୀୟ ପଦକ୍ଷେପ। ଏହାକୁ ଆହୁରି ବ୍ୟାପକ କରାଯିବ ବୋଲି ଆଶା କରୁଛି। ଆମ ଝିଅମାନେ ପୁଅଙ୍କ ଅପେକ୍ଷା ଅଧିକ ସଫଳତା ହାସଲ କରୁଛନ୍ତି। ଆଇନ୍ କ୍ଷେତ୍ରରେ ମହିଳାଙ୍କୁ ଅଧିକ ଆସିବାର ଆବଶ୍ୟକତା ରହିଛି। ମଧ୍ୟବାବୁ ମହିଳାମାନଙ୍କୁ ଓକିଲାତି କରିବା ପାଇଁ ପାଟଶା ହାଇକୋର୍ଟ ସମେତ ବିଭିନ୍ନ ସଂସ୍ଥାର *(ପୃଷ୍ଠା ୭ରେ)*

ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏସବୁ ଜିଲ୍ଲାରେ ବର୍ଷା, ଜାରି ହେଲା ସତର୍କ ସୂଚନା

ଭୁବନେଶ୍ୱର, ୫।୧୨
ନ୍ୟୁଜ ବ୍ୟୁରୋ

ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଶାରେ ଶୀତର ପ୍ରଭାବ ବିଶେଷ ଦେଖିବାକୁ ମିଳିନାହିଁ। କିନ୍ତୁ ଆସନ୍ତା ୨୪ ଘଣ୍ଟା ମଧ୍ୟର ରାଜ୍ୟର କିଛି ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ଗୁରୁବାର ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ସୁଦ୍ଧା ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି ଏବଂ କନ୍ଧମାଳ ଜିଲ୍ଲାରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ସେହିଭଳି ରବିବାର ସୁଦ୍ଧା ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ନୂଆପଡା, ବଲାଙ୍ଗୀର, ବୌଦ୍ଧ, ସୋନପୁର, ଅନୁଗୁଳ, ବରଗଡ଼, ଝାରସୁଗୁଡା, ସୁନ୍ଦରଗଡ଼, ସମ୍ବଲପୁର ଏବଂ ଦେଓଗଡ ଜିଲ୍ଲାରେ ବର୍ଷା ହୋଇପାରେ।

ସେହିଭଳି ୧୦ ତାରିଖ ସୁଦ୍ଧା ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, ଗଜପତି, କନ୍ଧମାଳ, କଳାହାଣ୍ଡି, ନୂଆପଡା, ବାଲାଙ୍ଗୀର, ବୌଦ୍ଧ, ସୋନପୁର, ଅନୁଗୁଳ, ବରଗଡ଼, ଦେଓଗଡ, ଝାରସୁଗୁଡା, ସୁନ୍ଦରଗଡ ଏବଂ ସମ୍ବଲପୁର ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଦେବେନ୍ଦ୍ର ଫଡ୍‌ନାବୀସ

ମୁମ୍ବାଇ, ୫/୧୨

ତୃତୀୟ ଥର ପାଇଁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି ବିଜେପି ନେତା ଦେବେନ୍ଦ୍ର ଫଡ୍‌ନାବୀସ। ମହାରାଷ୍ଟ୍ର ରାଜ୍ୟପାଳ ସି. ପି. ରାଧାକୃଷ୍ଣନ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ତାଙ୍କ ସହ ଶିବସେନା ନେତା ଏକନାଥ ସିନ୍ଦେ ଏବଂ ଏନସିପି ନେତା ଅଜିତ ପାୱାର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଏହି ଶପଥଗ୍ରହଣ ସମାରୋହ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନୀଥ ସିଂ, ଗୃହମନ୍ତ୍ରୀ ଅମିତ ଶାହା, ବିଜେପି ସଭାପତି ଜେପି ନଡ୍ଡା, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ପ୍ରମୁଖ ଉପସ୍ଥିତ ଥିଲେ । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ଏହି ସମାରୋହରେ ଯୋଗଦେଇଥିଲେ ।

ଏହି ଶପଥ ଗ୍ରହଣ ସମାରୋହରେ ମାୟାନଗରୀ ମୁମ୍ବାଇର ସେଲିବ୍ରିଟମାନଙ୍କୁ ଦେଖିବାକୁ ମିଳିଥିଲା । ବଲିଉଡ ସୁପରଷ୍ଟାର ଶାହରୁଖ ଖାଁ, ସଲମନ ଖାଁ, ରଣବୀର କପୁର, ରଣବୀର ସିଂ, କ୍ରିକେଟ *(ପୃଷ୍ଠା ୭ରେ)*

ଓଡ଼ିଶାରେ ଗୋ ହତ୍ୟା ବନ୍ଦ ପାଇଁ ଆସିବ କଡ଼ା ଆଇନ : ମନ୍ତ୍ରୀ

ଭୁବନେଶ୍ୱର, ୫/୧୨
ନ୍ୟୁଜ ବ୍ୟୁରୋ

ଓଡ଼ିଶାରେ ଏବେ ଗୋବଂଶ ବୃଦ୍ଧି ସହିତ ଏମାନଙ୍କର ସୁରକ୍ଷା ପାଇଁ କଡା ଆଇନ୍ ଆଣିବାକୁ ବିଚାର କରାଯାଉଛି। ଏହି ଆଇନ୍ ଅନୁସାରେ ରାଜ୍ୟରେ ଗୋହତ୍ୟାକୁ ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ ପଦକ୍ଷେପ ନିଆଯିବ। ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁବାର ଏହି ସୂଚନା ପ୍ରଦାନ କରିଛନ୍ତି। ସେହି କହିଛନ୍ତି ଯେ, ରାଜ୍ୟ ସରକାର ଗୋବଂଶ ବୃଦ୍ଧି ପାଇଁ ଯୋଜନା ଆରମ୍ଭ କରିଛନ୍ତି। ଗୋବଂଶ ବୃଦ୍ଧି ସହିତ ଗୋପାଳକଙ୍କର ଉନ୍ନତି ପାଇଁ ସରକାର ବହୁବିଧ ପଦକ୍ଷେପ ନେଇଛନ୍ତି। ଏଥିରେ କାମଧେନୁ ଯୋଜନା ମଧ୍ୟ ସାମିଲ ରହିଛି। ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ଓଡ଼ିଶାରେ ଗୋ ହତ୍ୟା ବନ୍ଦ ହେବ। ଆସାମ ପରି ଓଡ଼ିଶାରେ ମଧ୍ୟ ଗୋ ହତ୍ୟା ବନ୍ଦ ପାଇଁ କଡ଼ା ଆଇନ ଆସିବ। ରାଜ୍ୟ ସରକାର ଖୁବ୍ ଶୀଘ୍ର ଆଇନ ସହ ବିଲ୍ ଆଣିବାକୁ ବିଚାର କରୁଛନ୍ତି। ଗୋ ଚାଲାଣ ଓ ଗୋହତ୍ୟା ଉପରେ ରୋକ ଲଗାଇବା ପାଇଁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ରହିଛି। ଚଳିତ ବିଧାନସଭା ଅଧିବେଶନ କାଳରେ କିଛି ବେସରକାରୀ ବିଲ୍ ଆଗତ ହେବାକୁ ଯାଉଛି। ଏଥିରେ ଗୋ ହତ୍ୟା ନେଇ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆସିପାରେ।

ସେ କହିଛନ୍ତି ଯେ, ରାଜ୍ୟରେ ଗୋ ହତ୍ୟା ରୋକିବା ପାଇଁ ଅଣାଯିବାକୁ ଥିବା ବିଲକୁ ନେଇ ବିରୋଧୀ ଦଳର *(ପୃଷ୍ଠା ୭ରେ)*

ୟୁରୋପୀୟ 'ପ୍ରୋବା -୩' ମିଶନ ଲଞ୍ଚ୍ କଲା ଇସ୍ରୋ

ନୂଆଦିଲ୍ଲୀ, ୫/୧୨

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ଛୁଇଁଲା ଆଉ ଏକ ମାଇଲଖୁଣ୍ଟ। ଗୁରୁବାର ୟୁରୋପୀୟ ସ୍ପେସ୍ ଏଜେନ୍ସି (ଇଏସ୍‌ଏ)ର 'ପ୍ରୋବା -୩' ମିଶନକୁ ସଫଳତାର ସହ ଉତ୍‌କ୍ଷେପଣ କରିଛି ଇସ୍ରୋ। ଗୁରୁବାର ଅପରାହ୍ନ ୪:୦୪ ସମୟରେ ଆନ୍ଧ୍ର ପ୍ରଦେଶ ଶ୍ରୀହରିକୋଟାସ୍ଥିତ ସତୀଶ ଭବନ ସ୍ପେସ୍ ସେଣ୍ଟରରୁ ଏହାକୁ ଲଞ୍ଚ୍ କରାଯାଇଛି। 'ପ୍ରୋବା -୩' ହେଉଛି ୟୁରୋପୀୟ ମହାକାଶ ଏଜେନ୍ସିର ସୌର ଅଭିଯାନ, ସୂର୍ଯ୍ୟଙ୍କ କରୋନା ବା ବାହ୍ୟ ବଳୟ ଉପରେ ଗବେଷଣା କରିବା ଏହି ମିଶନର ଲକ୍ଷ୍ୟ। ଗୁରୁବାର *(ପୃଷ୍ଠା ୭ରେ)*

ବିଗତ ୩ ବର୍ଷରେ ବଜ୍ରପାତ ନେଲାଣି ୧୦୫୭ ଜୀବନ

ଭୁବନେଶ୍ୱର, ୫/୧୨
ନ୍ୟୁଜ ବ୍ୟୁରୋ

ଆକାଶରୁ ଅଗ୍ନି ବର୍ଷା ହେଉଛି। ଯେଉଁଥିପାଇଁ ଯାଉଛି ସାଧାରଣ ଲୋକଙ୍କ ଜୀବନ। ଗତ ୩ ବର୍ଷରେ ବଜ୍ରପାତରେ ଯାଇଛି ୧୦୫୭ ଜୀବନ। ଗୁରୁବାର ବିଧାନସଭାରେ ଏନେଇ ଉତ୍ତର ରଖିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ବିଧାୟକଙ୍କ ପ୍ରଶ୍ନରେ ଶ୍ରୀ ପୂଜାରୀ କହିଛନ୍ତି, କେବଳ ଗତ ୭ ମାସରେ ବଜ୍ରପାତରେ ୨୦୧ ଲୋକଙ୍କ ମୃତ୍ୟୁ ଘଟିଛି। ୨୦୨୩-୨୪ ବର୍ଷରେ *(ପୃଷ୍ଠା ୭ରେ)*

ବିହାର, ଝାଡ଼ଖଣ୍ଡକୁ ଯିବନି ପଶ୍ଚିମବଙ୍ଗ ଆଳୁ :ମମତା

କୋଲକାତା, ୫/୧୨

ପଶ୍ଚିମବଙ୍ଗର ମମତା ସରକାରଙ୍କ ତୋଗଲକୀ ନିର୍ଦ୍ଦେଶ ଯୋଗୁଁ କେବଳ ଓଡ଼ିଶାବାସୀ ନୁହନ୍ତି, ପଶ୍ଚିମବଙ୍ଗର ଅନ୍ୟ ପଡ଼ୋଶୀମାନେ ବି ସମସ୍ୟାରେ ପଡ଼ିଛନ୍ତି । ଏବେ ବିହାର ଓ ଝାଡ଼ଖଣ୍ଡବାସୀ ବି ଆଳୁ ସମସ୍ୟାରେ ପଡ଼ିଛନ୍ତି। ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳର କିଶନଗଞ୍ଜ, କଟିହାର ଓ ପୂର୍ଣ୍ଣିଆରେ ଆଳୁ ଓ ପିଆଜ ବ୍ୟବସାୟୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଝାଡ଼ଖଣ୍ଡରେ ଆଳୁ ଯୋଗାଣ ଅଭାବରୁ ମହଙ୍ଗା ଦରରେ ଆଳୁ ବିକ୍ରି ହେଉଛି। ସେପଟେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ *(ପୃଷ୍ଠା ୭ରେ)*

ଏକାଳ ପଖାଳ

ନେତାଏ ଟିକେ ନଜର ଦିଅହେ
ହନ୍ତସନ୍ତ ଏବେ ଚାଷୀ
ମଣ୍ଡିରେ ଧାନ ପଡିରହିଅଛି
ଭୁଲିଲେଣି ହସଖୁସି
ମିଲର ଉତ୍ପାତ ବେଶୀ
କ'ଣ କରିକି ସାବାଡ କଲେ
ଖୁସିରେ ଖାଇବା ଖାସି

ରାଜଧାନୀରେ ରାସ୍ତା ପ୍ରଶସ୍ତିକରଣ ଓ ଫ୍ଲାଇଓଭର ବ୍ରିଜ ନିର୍ମାଣ ନିହାତି ଜରୁରୀ

ଭୁବନେଶ୍ୱର, ୫/୧୨
ନ୍ୟୁଜ ବ୍ୟୁରୋ

ରାଜଧାନୀ ଭୁବନେଶ୍ୱର ସହରରେ ଅହରହ ଜନସଂଖ୍ୟା ୮ଲକ୍ଷ ଟପିଗଲାଣି। ପ୍ରତିଦିନ ଏହି ସହରକୁ ବିଭିନ୍ନ କାମରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଲକ୍ଷ୍ୟାଧିକ ଲୋକ ଆତଯାତ କରୁଛନ୍ତି। ଲୋକସଂଖ୍ୟା ଯେତିକି ବଢିଛି ବା ବଢୁଛି ସେହି ଅନୁସାରେ ଯାନବାହାନ ସଂଖ୍ୟା ମଧ୍ୟ ବଢିବାରେ ଲାଗିଛି। ଏଥି ଯୋଗୁଁ ଅନେକ ସମୟରେ ଗୁରୁତ୍ୱର ଟ୍ରାଫିକ୍ ସମସ୍ୟା ଉପୁଜୁଛି। ସହରର ପ୍ରମୁଖ ଛକ ଏ.ଜି ଛକ, କଳ୍ପନା ଛକ, ରାଜମହଲ ଛକ, ମାଷ୍ଟର କ୍ୟାଣ୍ଟିନ, ପିଏମ୍‌ଜି, ଜୟଦେବ ବିହାର, ରୁପାଲି, ବାଣୀବିହାର ଓ ରସୁଲଗଡ ଆଦି ଅନେକ ସମୟରେ ବେଳେ ବେଳେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି ଯେଉଁଥିରେ କେବଳ ସାଧାରଣ ଲୋକେ ନୁହଁନ୍ତି ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ଯାଉଥିବା ରୋଗୀ ଏବଂ ଭିଭିଆଇପି ଓ ଭିଆଇପି ମାନେ ମଧ୍ୟ ଏହାର ଶିକାର ହେଉଛନ୍ତି। ଏଭଳି ଅବସ୍ଥାରେ ରାଜଧାନୀର ସମସ୍ତ ପ୍ରମୁଖ ରାସ୍ତାର ପ୍ରସସ୍ତିକରଣ ଓ ଓଭରବ୍ରିଜ ନିର୍ମାଣ ନିହାତି ଜରୁରୀ ହୋଇପଡିଛି। ଏହି ଦିଗପ୍ରତି ରାଜ୍ୟ ସରକାର ତୁରନ୍ତ ବିଚାରକରି ଆଶୁପ୍ରତିକାର ପାଇଁ ପଦକ୍ଷେପ ନେବା ଦରକାର। ଗୁରୁବାର ବିଧାନସଭାର ଶୂନ୍ୟକାଳରେ ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଶ୍ରୀ ଜେନା ଗୃହରେ ଏହି ସମସ୍ୟା ଉତ୍ଥାପନ *(ପୃଷ୍ଠା ୭ରେ)*

(ସୌଜନ୍ୟ ସୋସିଆଲ ମିଡିଆ)

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର,୬ ଡିସେମ୍ବର,ଶୁକ୍ରବାର, ୨୦୨୪

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଶ୍ରମିକମାନଙ୍କ ବିକ୍ଷୋଭ

ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ

ରାଜ୍ୟ ସରକାର ମନରେଗା ଯୋଜନା କାମ ଯୋଗାଇ ଦେବା ନିୟମ ଅଛି । ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ନିଆରା ଢଙ୍ଗରେ ପ୍ରତିବାଦ କରି ମହିଳା, ପୁରୁଷ ଭାର, ଡାଲା, କୋଦାଳ ଧରି ଧାରଣା ଦେଲେ ଓ ବିକ୍ଷୋଭ କଲେ ଶ୍ରମିକ । ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ବିଶିପଡ଼ା ଗ୍ରାମ ପଞ୍ଚାୟତର ଶ୍ରମିକମାନେ ଏଭଳି ଏକ ନିଆରା ଢଙ୍ଗରେ ପ୍ରତିବାଦ କରିଛନ୍ତି । ଯେଉଁଠି ଶ୍ରମିକଙ୍କ କାମ କରିବା ପୂରା ହକ୍ ଥିବା ବଦଳରେ ସେଠାରେ ମେସିନ କରୁଛି କାମ । ଏଠି ଶ୍ରମିକମାନେ କାମ ମାଗିଲେ ଦୂର ସ୍ଥାନକୁ କାମ କରିବାକୁ ଯିବାକୁ କହୁଛନ୍ତି । ପଞ୍ଚାୟତ ଥିବା ଅଧିକାରୀ ବାବୁ ଏହାର ପ୍ରତିବାଦରେ ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ମନରେଗା କାମ କରାଯାଉଥିବା

କରିଛନ୍ତି । ଏହି ପଞ୍ଚାୟତର ଶତାଧିକ ମହିଳା, ପୁରୁଷ ଶ୍ରମିକ ଶ୍ରମିକମାନେ ନିୟମ ଅନୁଯାୟୀ ସି ଫର୍ମ ମାଧ୍ୟମରେ କାମ ମାଗୁଛନ୍ତି । ହେଲେ ସଂପୃକ୍ତ ପଞ୍ଚାୟତ ଅଧିକାରୀ ସରପଞ୍ଚଙ୍କ ଇଶାରାରେ ଶ୍ରମିକମାନଙ୍କୁ କାମ ଯୋଗାଇ ନ ଥିବା ଅଭିଯୋଗ କରିଛନ୍ତି ଶ୍ରମିକ ମାନେ ଏବଂ ମେସିନ ସାହାଯ୍ୟରେ କୋଟି କୋଟି ଟଙ୍କାର ଅଭିଯୋଗ କରିଛନ୍ତି । ଏନେଇ ଉଲୁଣ୍ଡା ବିଡ଼ିଓଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ହେଁ ଶୁଣୁ ନଥିବାରୁ ବାଧ୍ୟ ହୋଇ କୋଡ଼ି କୋଦାଳ ଡାଲା ସହ ଏ ନିଆରା ଢଙ୍ଗରେ ପ୍ରତିବାଦ କରିଥିବା କହିଛନ୍ତି ଶ୍ରମିକମାନେ । ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି ଏହି ଖଟିଆ ଶ୍ରମିକ ।

ସଇଁତଳା ବ୍ଲକରେ ମଣ୍ଡି ଖୋଲିବାରେ ବିଳମ୍ବକୁ ନେଇ ଅସନ୍ତୋଷ

ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ସଇଁତଳା ସ୍ଥିତ ନୂତନ ସମବାୟ ସମିତି ପ୍ରାଙ୍ଗଣରେ ଏଫ୍‌ଏକ୍ୟୁମାନର ଧାନ ସଂଗ୍ରହ ନିମନ୍ତେ ଏକ ଚାଷୀ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରରେ ଟିଟିଲାଗଡ଼ ଉପଖଣ୍ଡ ସହକାରୀ ଯୋଗାଣ ଅଧିକାରୀ ଶଙ୍କର୍ଷଣ ଭୋଇ ଯୋଗଦାନ କରିଥିବା ବେଳେ କଂଟାବାଞ୍ଜି ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ନୀଳମାଧବ ଆଚାର୍ଯ୍ୟ ଉପସ୍ଥିତ ରହି ଧାନଚାଷୀଙ୍କୁ ସଚେତନ କରିଥିଲେ । ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ଦରରେ ବିଭିନ୍ନ ପେକ୍ସ ଓ ଏସଏଚଜି ମାଧ୍ୟମରେ ଏଫଏକ୍ୟୁମାନର ଧାନ କିଣିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହା ପୂର୍ବରୁ ଚାଷୀଙ୍କୁ ଟୋକନ୍ ପ୍ରଦାନ କରାଯିବାକୁ ଥିବାବେଳେ ଧାନ ସଂଗ୍ରହ ସମ୍ପର୍କରେ ଉପସ୍ଥିତ ଥିବା ଚାଷୀଙ୍କୁ ବିଭିନ୍ନ ଡେମୋ ପ୍ରଦର୍ଶନ କରିଥିଲେ । ଶିବିରରେ ଉପସ୍ଥିତ ଚାଷୀମାନେ ସେମାନେ ଧାନ ବିକ୍ରି ବେଳେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏପରିକି ପ୍ରଶାସନ ତରଫରୁ ମଣ୍ଡିଗୁଡ଼ିକରେ ଧାନ ସଂଗ୍ରହ ଅହେତୁକ ବିଳମ୍ବ ଯୋଗୁଁ ଚାଷୀ ୩୦ ପ୍ରତିଶତରୁ ଅଧିକ ଧାନ ଅମଳ କରିସାରି ଅତି କମ୍ ଦରରେ ଅସାଧୁ ବେପାରୀ ଓ ଲାଭଖୋର୍ ଦଲାଲମାନଙ୍କୁ ବିକ୍ରି କରିସାରିଲେଣି ବୋଲି ଅଭିଯୋଗ ହୋଇଥିଲା । ଶହ ଶହ କ୍ୱିଣ୍ଟାଲ ଏହି ଧାନକୁ ଅସାଧୁ ବେପାରୀମାନେ ଏବେ ନିଜର ଘରେ ଓ ଗୋଦାମରେ ଲୁଚାଇ ରଖିଥିବା ବେଳେ ମଣ୍ଡି ଖୋଲିଲେ ବିକ୍ରି କରିବାକୁ ମସୁଧା କରୁଥିବା ଚାଷୀମାନେ ଗୁରୁତର ଅଭିଯୋଗ କରିଥିଲେ । ସରକାର ମଣ୍ଡିଗୁଡ଼ିକରେ ପେକ୍ସ ମାଧ୍ୟମରେ ଧାନ କିଣାଯାଉଥିଲେ ମଧ୍ୟ ମିଲର୍ସ ଓ ତାଙ୍କ ଦଲାଲମାନେ ମଣ୍ଡିକୁ ପହଂଚି ସେମାନଙ୍କ ମନମାନୀ କରୁଥିବା, କଟନୀଛଟନୀ ପାଇଁ ମୂଲଚାଲ କରୁଥିବା ଭଳି ଚାଷୀଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ କରିଥିଲେ । ଧାନ ସଂଗ୍ରହ ପାଇଁ ପ୍ରଶାସନ ପକ୍ଷରୁ ଚାଷୀଙ୍କୁ ଅଖାବସ୍ତା ଯୋଗାଣ, ଠିକ୍ ସମୟରେ ଧାନ ସଂଗ୍ରହ, ଚାଷୀଙ୍କ ପାସବୁକରେ ଠିକ୍ ସମୟରେ ଉଚିତ୍ ୩୧ ଶହ ଅର୍ଥ ପଇଠ ଭଳି ବିଭିନ୍ନ ଅଭିଯୋଗମାନ ଚାଷୀମାନେ ଅଭିଯୋଗ କରିଥିଲେ । ବ୍ଲକରେ ମଣ୍ଡିଗୁଡ଼ିକ ନଭେମ୍ବର ୧୫ ସୁଦ୍ଧା ଖୋଲିବା କଥା କିନ୍ତୁ ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ ଯୋଗୁଁ ଚାଷୀ ବେର୍ଣ୍ଣା, ବାହାଲ ଜମିର ଧାନ ବିକ୍ରି କରିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଚାଷୀ ନେତା ଉତମ ପଟେଲ, ସରୋଜ ପୁରୋହିତ, ବସନ୍ତ ସାହୁ ଅଭିଯୋଗ କରିଥିଲେ । ଚାଷୀ ସଚେତନତା ଶିବିରରେ ବ୍ଲକ କୃଷକ ସଂଗଠନକୁ ମଧ୍ୟ ଅଣଦେଖା କରାଯାଇଛି ବୋଲି ଅଭିଯୋଗ ଉଠିଥିଲା । ଏହି ବ୍ଲକର କୁଆରୀ, ବେଲଗାଁ, ଭଦ୍ରା, ସଇଁତଳାର ସମେତ ଅଧିକାଂଶ ପେକ୍ସରେ ସ୍ଥାୟୀ ଅଫିସ କିମ୍ବା ଗୋଦାମ ଗୃହ ନଥିବା ସମେତ ବହୁ ସଂଖ୍ୟକ କର୍ମଚାରୀ ଅଭାବ ରହିଥିବା ଚାଷୀମାନେ ଅଭିଯୋଗ କରିଥିଲେ । ଆଗାମୀ ଦିନରେ ସମସ୍ତ ମଣ୍ଡିଗୁଡ଼ିକରେ ଉନ୍ନତିକରଣ କରାଯିବା ସହିତ ଚାଷୀଙ୍କ ଧାନ ବିକ୍ରି ସମୟରେ ଚାଷୀଙ୍କ ଅଭିଯୋଗକୁ ଧ୍ୟାନ ଦିଆଯିବ ବୋଲି ଯୋଗାଣ ଅଧିକାରୀ ଶ୍ରୀ ଭୋଇ ପ୍ରତିଶ୍ରୁତି ଦେଇଥିଲେ ।

ଏହି ବୈଠକରେ ପେକ୍ସ ସଭାପତି ପ୍ରଭାତ ସିଂ ଭୋଇ, ସତ୍ୟ ନାରାୟଣ ପଣ୍ଡା, ଡ଼ିକି କୁଅର, ଲକ୍ଷଶ୍ୱର ସାହୁ, ବିକ୍ରମ ବୁଢ଼େକ, ଚାଷୀ ତୁଳସୀ ପ୍ରସାଦ ସାହୁ, ଲେକୁ ପ୍ରଧାନ, ଜୟରାମ ରଣା, ମିନକେତନ ବାରିକ, ପେକ୍ସ ସମ୍ପାଦକ ଗଣେଶ ଭୋଇ, ରୋହିତ ସାହୁ, ଭରତ ବୁଢ଼େକ, ଜୟଚନ୍ଦ୍ର ରଣା, ରଞ୍ଜନ ବେହେରା, ରୋହିତାଶ୍ୱ ତାଣ୍ଡି, ନୀଳାବତୀ ବଗର୍ତ୍ତି, ସରୋଜ କ୍ଷେତି, ଆଦିତ୍ୟ ଭୋଇଙ୍କ ସମେତ ଧାନର ମାନ ନିରୀକ୍ଷକ ଧର୍ମେନ୍ଦ୍ର ନାଗ, ମାନସ ପ୍ରଧାନ, ଆରଏମସି କର୍ମଚାରୀ ଭୁବନେଶ୍ୱର ସାହୁ ଓ ଯୁବରାଜ ସାହୁଙ୍କ ବହୁ ଚାଷୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଦେଶ ସୁରକ୍ଷା ନେଇ ଉତ୍ସାହର ସହ କାର୍ଯ୍ୟ କରିବାକୁ ଯବାନଙ୍କୁ ଆହ୍ୱାନ

ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ

କନ୍ଧମାଳ ଜିଲ୍ଲା ବାଲିଗୁଡା ଦଣ୍ଡପଦର ସ୍ଥିତ ଆଦର୍ଶ ବିଦ୍ୟାଳୟ ନିକଟରେ ଥିବା ୧୩୬ ସୀମା ସୁରକ୍ଷା ବାହିନୀ ବାଟାଲିୟନ ତରଫରୁ ସୀମା ସୁରକ୍ଷା ବଳର ୬୦ତମ ବୃଦ୍ଧି ଦିବସ ପାଳନ ହୋଇଯାଇଛି । ଏଥିରେ ସ୍ଥାନୀୟ ୧୩୬ ସୀମା ସୁରକ୍ଷା ବାହିନୀ ବାଟାଲିୟନର କମାଣ୍ଡାଣ୍ଟ ମାନସ ରଞ୍ଜନ ପଣ୍ଡା ଓ ଅନ୍ୟ ଅଧିକାରୀ ତଥା ବାହିନୀର ଯବାନମାନଙ୍କ ଉପସ୍ଥିତରେ କମାଣ୍ଡାଣ୍ଟ ଶ୍ରୀ ପଣ୍ଡା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଦେଶ ପାଇଁ ଉତ୍ସାହର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଦେଶର ପ୍ରଥମ ଲାଇନରେ କାର୍ଯ୍ୟ କରୁଥିବା ସୀମା ସୁରକ୍ଷା ବାହିନୀ ଏହାର ସମସ୍ତ କାର୍ଯ୍ୟକୁ ଆଭ୍ୟନ୍ତରୀଣ କର୍ତ୍ତବ୍ୟରେ ମଧ୍ୟ ପ୍ରାଧାନ୍ୟ ଦେବା ସହ ସୀମା ସୁରକ୍ଷା ବଳର କର୍ମଚାରୀ ହୋଇଥିବାରୁ ନିଜେ ଗର୍ବ ଅନୁଭବ କରିବା ଉଚିତ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରି ସୀମା ସୁରକ୍ଷା ବାହିନୀର ମନୋବଳ ବୃଦ୍ଧି କରାଇଥିଲେ । ଏଥିରେ ବାହିନୀର ସମସ୍ତ ଯବାନ ଓ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର, ନ୍ୟୁଜ୍‌ବ୍ୟୁରୋ

ଜୟପୁର ବ୍ଲକ ଅନ୍ତର୍ଗତ ଏକମ୍ବା ଠାରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଓ ଜନ ଶୁଣାଣି ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଏବିଡିଓ ମନୋଜ ନାୟକ, ଜିପଡିଓ ଭାଗିରଥି ନାୟକ, ସହକାରୀ ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା, ଏପିଓ ସନ୍ତୋଷି ମହାପାତ୍ର, ସରପଞ୍ଚ ମୋତି ସୁଣ୍ଡା ସହ ଅନ୍‌ଲାଇନର ବ୍ଲକ୍ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏଥିରେ ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀମାନେ ବିଭାଗର ଅଧିକାରୀ ମାନଙ୍କୁ ସମସ୍ୟା ଅଭିଯୋଗ ଜଣାଇଥିଲେ । ସରକାରୀ ଜମି ଦେବା ପାଇଁ ଗ୍ରାମବାସୀମାନେ ଦାବି କରିଥିଲେ । ଗ୍ରାମରେ ଖେଳ ପଡ଼ିଆ କରିବା ସହ ବିକାଶମୂଳକ କାର୍ଯ୍ୟ ପାଇଁ ସରକାରି ଜମି ଅବଶ୍ୟକ ଥିବା ନେଇ ପଞ୍ଚାୟତବାସୀ ଦାବି କରିଥିଲେ । ରାସ୍ତା ଘାଟ, ମରାମତି ପାନୀୟ ଜଳ ସମସ୍ୟାର ସହ ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା । ଏହା ସହ ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ପାଇବେ ସେ ନେଇ ଉପସ୍ଥିତ ଅଧିକାରୀମାନେ ସଚେତନ କରିଥିଲେ ।

ଜିଲ୍ଲାରେ ଶିଳ୍ପ ସଂଖ୍ୟା ୫ ହଜାରରୁ ଅଧିକ, ହେଲେ ଡିଆଇସି ଅଫିସରେ କର୍ମଚାରୀ ଅଧିକାରୀ ସଂଖ୍ୟା ୨୮ ଜାଗାରେ ୭

ରାଉରକେଲା, ନ୍ୟୁଜ୍‌ବ୍ୟୁରୋ

ସୁନ୍ଦରଗଡ଼ ଜିଲ୍ଲା, ଏକଦା ଶିଳ୍ପ ଲାଗି ଅନେକ ସୁନାମ ଅର୍ଜନ କରିଛି, ଷ୍ଟିଲ ସିଟି ଭାବେ ପରିଚିତ, ହେଲେ ଏଠାରେ ଥିବା ଜିଲ୍ଲା ଶିଳ୍ପ କେନ୍ଦ୍ର ଡିଆଇସି ଅଫିସ ଏକ ପ୍ରକାର ଖାଲି ପଡ଼ିଛି କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଜିଲ୍ଲାରେ ଶିଳ୍ପ ସଂଖ୍ୟା ପ୍ରାୟ ୫ ହଜାରରୁ ଅଧିକ ହୋଇଥିଲେ ବି କର୍ମଚାରୀ ଓ ଅଧିକାରୀଙ୍କ ସଂଖ୍ୟା ୨୮ ଜାଗାରେ ୭ ରହିଛି । ଏହି ଅଫିସ ଦ୍ୱାରା ବ୍ଲକ ସହରରେ ଥିବା କଳକାରଖାନା ଗୁଡିକ ସରକାରୀ ସହାୟତା ପାଇବା ସହ ନିୟନ୍ତ୍ରଣ ମଧ୍ୟ ହୋଇଥାନ୍ତି, ଆଗରୁ ରାଜ୍ୟ ସରକାରଙ୍କର ବିଭିନ୍ନ ପ୍ରକଳ୍ପ ଥିଲା, ଏବେ ରାଜ୍ୟ ଓ କେନ୍ଦ୍ର ସରକାର ବର୍ତ୍ତମାନ ଅନେକ ଯୋଜନା କରୁଛନ୍ତି ଫଳରେ ଏହି ଅଫିସ ଉପରେ ଯୁବକ ଯୁବତୀ ଅଧିକ ନିର୍ଭର କରିଥାନ୍ତି ହେଲେ ସେମାନଙ୍କୁ ସାହାଯ୍ୟ କରିବା ପାଇଁ କର୍ମଚାରୀ ଅଧିକାରୀଙ୍କ ସଂଖ୍ୟାକଥା କହିଲେ ନସରେ । ଖବରରୁ ଜଣାପଡିଛି ଯେ, ଏହି ଅଫିସ୍‌ରେ ସରକାରୀ ଭାବେ କର୍ମଚାରୀ ଓ ଅଧିକାରୀଙ୍କ ସଂଖ୍ୟା ୨୮ ରହିବା କଥା, ହେଲେ ବିଗତ ବର୍ଷ ଗୁଡିକରେ ଅବସର ହୋଇ ୨୧ ପଦବୀ ଖାଲି ପଡ଼ିଛି । ଏଠାରେ ଜେନେରାଲ ମ୍ୟାନେଜର ଠାରୁ ଆରମ୍ଭ କରି ଜୁନିଅର ଷ୍ଟେନୋ, ସିନିଅର ଷ୍ଟେନୋ, ସିନିଅର ଷ୍ଟେନୋ ଡେପୁଟି ମ୍ୟାନେଜର ସମେତ ୫ ଏଆଇଓ ପଦବୀ ସମେତ ୨୧ ପଦବୀ ଖାଲି ପଡ଼ିଛି । ରାଉରକେଲା ସମେତ ଜିଲ୍ଲାରେ ଅନେକ ବିଧାୟକ ଗତ ୨୪ ବର୍ଷରେ ଆସିଲେ ଗଲେ, ହେଲେ କାହାର ନଜର ଏହା ଉପରେ ପଡ଼ିଲା ନାହିଁ । ଫଳରେ ସୁନ୍ଦରଗଡ଼ ଜିଲ୍ଲାର ଶିଳ୍ପାଞ୍ଚଳର ମୂଲ୍ୟବାନ ଜାଗା ଓ ସେଡ୍‌ଗୁଡିକ ବଣ ଜଙ୍ଗଲ ଓ ଅସାମାଜିକମାନଙ୍କ ଅଡ୍ଡା ସ୍ଥାନ ପାଲଟିବାରେ ଲାଗିଛି । କେହି କେହି ଏହା ଭିତରେ ଘର କରି ରହିଲେଣି କଳକାରଖାନା ଲାଗି ସରକାର ଠାରୁ ଜାଗା ନପାଇ ସରକାରୀ ଜାଗା ଜବରଦଖଲ ହେବାରେ ଲାଗିଛି । ଶିଳ୍ପ ନାମରେ, ଛେଣ୍ଡ କଲୋନୀରେ ଏଭଳି ଅନେକ ଜାଗା ଦାଖଲ ହୋଇଛି ଓ ହେବାରେ ମଧ୍ୟ ଲାଗିଛି । ଏଭଳି ଅବ୍ୟବସ୍ଥା ଅସଜଡ଼ା ବ୍ୟବସ୍ଥାକୁ ସଜାଡ଼ିବାକୁ ଏଠାରେ ଲୋକ ମଧ୍ୟ ନାହାନ୍ତି, ଏହାପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଅନେକ ଯୋଜନା କେତେ ଆଗେଇଲା ସେ ନେଇ ବାରମ୍ବାର ଅଫିସ ବାଲାଙ୍କୁ ମଧ୍ୟ ତାଗିଦ ପରେ ତାଗିଦ ବଢି ଚାଲିଛି କିନ୍ତୁ ଏ ଅଫିସ ଦ୍ୱାରା ଲୋକେ ଯେତିକି ଫାଇଦା ପାଇବା କଥା ତାହା ମିଳିବା କମି ଯାଉଛି ସଠିକ ସମୟରେ ସବୁକାମ ହୋଇପାରୁନାହିଁ । ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି ।

ମାନେଶ୍ୱର ବ୍ଲକ୍‌ରେ ଜନ ଅଭିଯୋଗ ଶୁଣାଣି

ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ

ମାନେଶ୍ୱର ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳ, ସମ୍ବଲପୁର, ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ଅରକ୍ଷୀ ଅଧିକ୍ଷକ ମୁକେଶ ଭାମୁଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା । ମୋଟ ୨୨ଟି ଆବେଦନ ଗ୍ରହଣ କରାଯାଇ ଥିଲା ଯେଉଁଥିରୁ ୧୮ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବାବେଳେ ୩ଟି ସମସ୍ୟା ଗ୍ରାମ୍ୟ ସମସ୍ୟା ସହିତ ଜଡ଼ିତ ଥିଲା । ସିଏମ୍‌ଆର୍‌ଏଫ୍ ଅଧୀନରେ ସହାୟତା ପାଇଁ ୧ଗୋଟି ଆବେଦନ ପ୍ରାପ୍ତ ହୋଇଛି । ଅଭିଯୋଗ ଶୁଣାଣି ଠାରେ ୩ ଜଣ ହିତାଧିକାରୀଙ୍କୁ ହ୍ୱିଲ ଚେୟାର, ଜାତୀୟ ପରିବାର କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ୪ଜଣ ହିତାଧି-କାରୀଙ୍କୁ ସହାୟତା ରାଶି ପ୍ରଦାନ କରା ଯାଇଛି । ଉକ୍ତ ଜନ ଅଭିଯୋଗ ଶୁଣାଣିରେ ପ୍ରୋବେଶନର ଭୋସଲେ ଶୁଭମ ସଞ୍ଜୟ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଉପଜିଲ୍ଲାପାଳ ଡ ପୁଷ୍ପାଞ୍ଜଳି ପଣ୍ଡାଙ୍କ ସମେତ ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଅଖିଳ ଭାରତୀୟ ଅଧିବକ୍ତା ପରିଷଦ ପକ୍ଷରୁ ସମ୍ବିଧାନ ଦିବସ ପାଳିତ

ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ

ଅଖିଳ ଭାରତୀୟ ଅଧିବକ୍ତା ପରିଷଦ ସୁବର୍ଣ୍ଣପୁର ଶାଖା ପକ୍ଷରୁ ୭୫ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବାବେଳେ ଫୁଲବାଣୀର ବରିଷ୍ଠ ଓକିଲ ଭି.ଭି. ରାମଦାସ ଓ ଅତିରିକ୍ତ ପୋଲିସ ଆରକ୍ଷୀ ଅଧିକ୍ଷକ ବିରେନ୍ଦ୍ର କୁମାର ନାଏକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଅଧିବକ୍ତା ପରିଷଦର ସଭାପତି ପ୍ରଫୁଲ୍ଲ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଡ୍‌ଭୋକେଟ ଶ୍ରୀକାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ପରିଷଦର ସଂପାଦକ ଆଡଭୋକେଟ ବଳଦେବ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଶାଖାର ସମସ୍ତ କର୍ମକର୍ତ୍ତାଙ୍କ ସହ ସଦସ୍ୟ ସଦସ୍ୟା ଉପସ୍ଥିତ ରହିଥିଲେ । ସମ୍ବିଧାନ ପ୍ରଣେତାଙ୍କ ସ୍ମୃତିଚାରଣ କରି ସମ୍ବିଧାନ ବିଷୟରେ ଆଲୋଚନା କରିଥିଲେ । ଆମ ସମ୍ବିଧାନ ପାଇଁ ଆମେ ଗର୍ବିତ ହେବା ବୋଲି ଅତିଥିମାନେ ମତ ଦେଇଥିଲେ । ଆଡ୍‌ଭୋକେଟ ରଶ୍ମି ରଂଜନ ଦାଶଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

ବେକରେ ଗାମୁଛା ଲଗାଇ ଯୁବକର ଆତ୍ମହତ୍ୟା

ଜୟପୁର, ନ୍ୟୁଜ୍‌ବ୍ୟୁରୋ

ବେକରେ ଗାମୁଛା ଲଗାଇ ଯୁବକ ଜଣକ ଆତ୍ମହତ୍ୟା କରିଥିବା ଜଣାଯାଇଛି । ମୃତ ଯୁବକ ଜଣକ ହେଉଛନ୍ତି ଜୟପୁର ସଦର ଥାନା ଅନ୍ତର୍ଗତ ଏକମ୍ବା ଗ୍ରାମର ତ୍ରିପତି ସୁଣ୍ଡା (୨୬) । ପୋଲିସ ସୂଚନା ଅନୁଯାଇ ଜୟପୁର ସଦର ଥାନା ଅନ୍ତର୍ଗତ ଏକମ୍ବା ଗ୍ରାମର ତ୍ରିପତି ସୁଣ୍ଡା ତାଙ୍କ ଶ୍ୱଶୁର ଘର ଗାଁ କଦମଗୁଡାକୁ ଯାଇଥିଲେ । ଆଜି ସକାଳୁ ୯ଟା ସମୟରେ ନିକଟସ୍ଥ ଆମ୍ବ ଗଛରେ ବେଗରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିଲେ । ପରିବାର ଲୋକେ ଖୋଜା ଖୋଜି କରି ଆମ୍ବ ଗଛରେ ଝୁଲୁଥିବା ଦେଖି ଓହ୍ଲାଇ ଥିଲେ । ସେତେବେଳେ ଯୁବକ ଜଣକ ମୃତ୍ୟୁ ବରଣ କରିଥିଲେ । ଏନେଇ ଜୟପୁର ସଦର ପୋଲିସ ସୂଚନା ପାଇ ପହଞ୍ଚି ଶବକୁ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୂଚନା ଦିଆଯାଇଛି ।

ମିଲୁନି ସରକାରୀ ଆଳୁ ବିହନ : ଚାଷୀ ଅସନ୍ତୋଷ

ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ

ପୁଣି ବଜାରରେ ଆଳୁ ଦର ଅହେତୁକ ବୃଦ୍ଧି ପାଇଛି । ଫଳରେ ଖାଉଟି ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ମାତ୍ର କିଛି ଦିନ ପରେ ପୁଣି ବଜାରରେ ଆଳୁର ଦାମ୍ ବୃଦ୍ଧି ପାଇ ଏବେ ୪୦ ଉପରେ ରହିଛି । ତେବେ ଆଳୁର ଦର ବୃଦ୍ଧି ପାଉଥିବା ବେଳେ ଖାଉଟି ଅସନ୍ତୋଷ କରିଥିବା ବେଳେ ଅନ୍ୟପକ୍ଷେ ସରକାରୀ ଆଳୁ ବିହନ ନ ପାଇ ହଜାର ହଜାର ଚାଷୀ ହତାଶ ହୋଇପଡିଛନ୍ତି । ତେବେ କଳାବଜାରରୁ ଚଢା ଦରରେ ଆଳୁ ନ ଆଣି କ୍ଷେତ ପଡିଆ ପକାଇଛନ୍ତି ଆଳୁ ଚାଷୀ । ତେବେ ଏଭଳି ଘଟଣାକୁ ନେଇ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଞ୍ଚଳରେ ଆଳୁ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ବର୍ତ୍ତମାନ ସମୟରେ ଧର୍ମଶାଳା ବ୍ଲକର ଅଞ୍ଚଳର ହଜାର ହଜାର ଚାଷୀ ପନିପରିବା ଓ ଆଳୁ ଚାଷ ଉପରେ ନିର୍ଭର କରନ୍ତି । ଏବଂ ରିହାତି ଦରରେ ସରକାରୀ ବିହନ ଆଣି କ୍ଷେତରେ ଆଳୁ ଲଗ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୬ ଡିସେମ୍ବର ୨୦୨୪ ଶୁକ୍ରବାର

ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଲା ସାମୁଦ୍ରିକ ଝଡ଼ 'ଫେଙ୍ଗାଲ'

ନଷ୍ଟ ହେଲା ବର୍ଷକର ଫସଲ ଧାନ ଓ ମାଣ୍ଡିଆ

ପଟ୍ଟାଙ୍ଗି, ନ୍ୟୁଜ୍ ବ୍ୟୁରୋ

ତିନିଦିନ ଧରି ଲାଗିରହିଥିବା ସାମୁଦ୍ରିକ ଝଡ଼ 'ଫେଙ୍ଗାଲ' ପ୍ରଭାବରେ ବହୁ କ୍ଷତି ଗ୍ରସ୍ତ ହେଲେ କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକର ଚାଷୀ । ସୂଚନାଯୋଗ୍ୟ କି ଗତ ୨୯ ତାରିଖରେ ଆରମ୍ଭ ହୋଇଥିବା ଝଡ଼ 'ଫେଙ୍ଗାଲ' ପ୍ରଭାବରେ ୬ ଦିନ ଧରି ପଟ୍ଟାଙ୍ଗି ବ୍ଲକରେ ବର୍ଷା ଲାଗିରହିଥିଲା । ଫଳରେ ବ୍ଲକର ଚାଷୀମାନେ ବର୍ଷ ଯାକର କଷ୍ଟ କରି କରିଥିବା ଫସଲ ଅଧିକାଂଶ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି । ଫସଲ ଅମଳ କରିବା ସମୟ ହୋଇଥିବାରୁ ଧାନ, ମାଣ୍ଡିଆ, ସୁଆଁ ବିଲରେ ପଡି ରହିଥିଲା । ୬ ଦିନର ଲଗାଣ ବର୍ଷା ଯୋଗୁଁ ଧାନ, ମାଣ୍ଡିଆ, ସୁଆଁ ପାଣିରେ ବୁଡି ଗଜା ହେବା ସହ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଜଣାପଡିଛି । ପାଣିରେ ବୁଡି ଅଧିକାଂଶ ଫସଲ ନଷ୍ଟ ହୋଇଥିବା ସୂଚାନାରୁ ଜଣାପଡିଛି । ବର୍ଷା ପ୍ରଭାବରେ ବ୍ଲକର ପଟ୍ଟାଙ୍ଗି ପଞ୍ଚାୟତର ପଡାଲଗୁଡା ଗ୍ରାମର ତ୍ରିନାଥ ଗେମେଲ, ନରେନ୍ଦ୍ର ପଡାଲ, ରାଜାନା ପଡାଲ, ପରମାନନ୍ଦ ମାଝୀ, ହରି ପଡାଲଙ୍କ ସହ ଅନେକ ଲୋକଙ୍କ ମାଣ୍ଡିଆ ଓ ଧାନ ନଷ୍ଟ ହୋଇଯାଇଛି । ବ୍ଲକରେ ପାଣି ଅଭାବରୁ ବର୍ଷକୁ ଥରେ ମାତ୍ର ଫସଲ ହେଉଥିବା ବେଳେ ସମସ୍ତ ଫସଲ ନଷ୍ଟ ହୋଇଥିବା ଯୋଗୁଁ ବର୍ତ୍ତମାନ ଚାଷୀଙ୍କ ବର୍ଷ ଯାକର ଶସ୍ୟ ନଷ୍ଟ ହୋଇଯାଇବାରୁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଥିବା କୁହାଯାଉଛି । ଅନ୍ୟପକ୍ଷରେ ଏତେ କ୍ଷୟକ୍ଷତି ପରେ ବିଲ ଭିତରେ ପାଣି ପଶି ରହିଥିବା ଧାନରେ ବାଲି ଓ ମାଟି ମାଡିଯାଇଥିବା ବେଳେ ଚାଷୀ ମାଟିରେ ପୋତିହୋଇଥିବା ଫସଲକୁ ପାଣିରେ ଧୋଇ ଧାନ ସଂଗ୍ରହ କରୁଥିବା ମଧ୍ୟ ଦେଖିବାକୁ ମିଳିଛି । ବର୍ତ୍ତମାନ ଏହି ପରିସ୍ଥିତିରେ ପ୍ରଶାସନ କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ପରିବାରଙ୍କୁ ଚିହ୍ନଟ କରି କ୍ଷତିପୂରଣ ପ୍ରଦାନ କରିବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି ।

୩ କୋଟି ଟଙ୍କା ଠକେଇ ଅଭିଯୋଗରେ ଅଭିଯୁକ୍ତ ଗଲେ ଜେଲ୍

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁର ଥାନା ଅଧୀନ ପୁନଙ୍ଗ ଠାରେ ଥିବା ଦୁର୍ଗା ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍‌ର ମାଲିକ ରବୀନ୍ଦ୍ର କୁମାର ମହାନ୍ତି ତାଙ୍କ କମ୍ପାନୀର କ୍ଷେତ୍ର ପରିଚାଳକ ଭାବେ ପୂର୍ବରୁ କାର୍ଯ୍ୟ କରୁଥିବା ତିର୍ତ୍ତୋଲ ଥାନା ଅଧୀନ ରେପୁର ପାଟଶାର ଧନଞ୍ଜୟ ସାହୁ ୩ କୋଟି ଟଙ୍କା ଠକେଇ ଅଭିଯୋଗରେ ଜେଲ୍ ପଠାଇଲା ପୋଲିସ । ସୂଚନା ମୁତାବକ ଧନଞ୍ଜୟ କମ୍ପାନୀ ମାଲିକ ରବୀନ୍ଦ୍ର କୁମାର ମହାନ୍ତିଙ୍କ ସମ୍ପର୍କରେ ଭାଣିଜା ଲାଗିଇ ହେବେ । ଧନଞ୍ଜୟ ଟଙ୍କା ନେବା ପୂର୍ବରୁ ସାହୁ ଥିଲେ ପରେ ନାମ ବଦଳାଇ ଧନଞ୍ଜୟ ପଟ୍ଟନାୟକ କରିଛନ୍ତି । ଧନଞ୍ଜୟ କମ୍ପାନୀର ସମସ୍ତ ପ୍ରକାର ଆର୍ଥିକ କାରବାର ସହିତ କାମ ବୁଝାବୁଝି କରନ୍ତି । କରୋନା ସମୟରେ କମ୍ପାନୀ ତାଙ୍କୁ ଆର୍ଥିକ କାରବାର ପାଇଁ ୮ଟି ବ୍ଲାଙ୍କ ଚେକ୍ ଦେଇଥିଲେ । ସେଥିମଧ୍ୟରୁ ୫ ଟି ଚେକ୍‌ରେ ସଠିକ୍ ଭାବେ ଦେଣନେଣ କଲେ ଏବଂ ୩ ଟି ଚେକ୍‌ରେ ନିଜ ବ୍ୟାଙ୍କ ଖାତା ସହିତ ନିଜ ସମ୍ପର୍କୀୟଙ୍କ ବ୍ୟାଙ୍କ ଖାତାକୁ ବିଭିନ୍ନ ସମୟରେ ୩ କୋଟି ଟଙ୍କା ପଠାଇଦେଇଛନ୍ତି । ଧନଞ୍ଜୟ ତାଙ୍କ ସ୍ତ୍ରୀ ମାଲିକାନାରେ ରାଜ ଏଣ୍ଟରପ୍ରାଇଜର୍ସ ଖୋଲି ତାର ଆକାଉଣ୍ଟକୁ ୩ ଲକ୍ଷ ୫୦ ହଜାର, ସ୍ତ୍ରୀଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ୫ ଲକ୍ଷ ୪୦ ହଜାର ୨୦୦ ଟଙ୍କା ଟ୍ରାନ୍ସଫର କରିଛନ୍ତି ।କମ୍ପାନୀର କର୍ମଚାରୀ ପ୍ରଦୀପ ଗଡ଼ନାୟକଙ୍କ ଆକାଉଣ୍ଟକୁ ଦରମା ଠାରୁ ଅଧିକ ୩୧ ଲକ୍ଷ ୪୦ ହଜାର ଟଙ୍କା ପଠାଇଛନ୍ତି । କମ୍ପାନୀ ସହ ସମ୍ପୃକ୍ତ ନଥିବା କିଛି ବ୍ୟକ୍ତିଙ୍କ ଆକାଉଣ୍ଟକୁ ୮ ଲକ୍ଷ ୬୧ ହଜାର ଟଙ୍କା ପଠାଇଛନ୍ତି । ଏବେ ସେ ତାଙ୍କୁ ଓ ତାଙ୍କ ପରିବାରକୁ ଉପାୟରେ ହଇରାଣ କରିବା ପାଇଁ ଚେଷ୍ଟା ଚଳାଇଥିବା ମାଲିକ ଶ୍ରୀ ମହାନ୍ତି ଥାନାରେ ଅଭିଯୋଗ କରିଛନ୍ତି । ଜଗତସିଂହପୁର ପୋଲିସ ଘଟଣାର ତଦନ୍ତ କରି ମଙ୍ଗଳବାର ବିଳମ୍ବିତ ରାତିରେ ଭୁବନେଶ୍ୱରରୁ ଅଭିଯୁକ୍ତ ଧନଞ୍ଜୟଙ୍କୁ ଧରି ଜଗତସିଂହପୁର ଥାନାରେ ଅଟକ ରଖିଥିଲା । ବୁଧବାର ପୋଲିସ ଧନଞ୍ଜୟର ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରିଥିଲେ । ଅଦାଲତ ତାଙ୍କୁ ଜେଲ୍ ପଠାଇଥିବା ଜଣାପଡିଛି ।

ଆକ୍ସନ ମୋଡ୍‌ରେ ସିଏମ୍‌ସି:ବେଆଇନ୍ ଜବରଦଖଲ ଉଚ୍ଛେଦ

କଟକ, ନ୍ୟୁଜ୍ ବ୍ୟୁରୋ

ସରକାରୀ ଆକ୍ସନ ମୋଡ୍‌ରେ କଟକ ମହାନଗର ନିଗମ। ଏସ୍‌ସିବି ମେଡିକାଲ୍‌କୁ ଲାଗି ରହିଥିବା କାଠଗୋଲା ଅଞ୍ଚଳରୁ ବୁଧବାର ବେଆଇନ୍ ଜବର ଦଖଲ ଉଚ୍ଛେଦ କରିଛି ସିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍। ସରକାରୀ ଜମି, ଡ୍ରେନ୍ ଉପରେ ରହିଥିବା ପାଖାପାଖି ୨୫ରୁ ଉର୍ଦ୍ଧ୍ୱ ମେଡିସନ୍ ଦୋକାନକୁ ଭାଙ୍ଗିଛି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ । ଏହି ମେଡିସନ୍ ଦୋକାନଗୁଡ଼ିକୁ ପୂର୍ବରୁ ନୋଟିସ୍ ମଧ୍ୟ ଦିଆଯାଇଥିଲା। ସକାଳୁ ମାଇକ୍ ଜରିଆରେ ସଚେତନତା ଅବଲମ୍ବନ କରିବା ପାଇଁ କୁହାଯିବା ପରେ ଏହି ଜବରଦଖଲ ମେଡିସନ୍ ଦୋକାନକୁ ଅବରୋଧ ମୁକ୍ତ କରାଯାଇଛି। ସିଏମ୍‌ସି ଡେପୁଟି କମିଶନର ଶ୍ୱେତପଦ୍ମ ଶତପଥିଙ୍କ ମତରେ, ପୂର୍ବରୁ ଏହି ସ୍ଥାନକୁ ନେଇ ଅଭିଯୋଗ ଆସିଥିଲା। ଯେହେତୁ ଏହି କାଠଗୋଲା ଅଞ୍ଚଳଟି ଏସ୍‌ସିବି ମେଡିକାଲ୍ ସମ୍ମାରେ ରହୁଛି, ତେଣୁ ଆମ୍ବୁଲାନ୍ସ ଯିବା ଆସିବା ପାଇଁ ଗହଳି କମାଇବା ପାଇଁ ସିଏମ୍‌ସି ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଥିଲା। ମାପଚୁପ ହେବା ପରେ ୨୬ଟି ମେଡିସନ୍ ଦୋକାନ ବେଆଇନ୍ ନିର୍ମାଣ ହୋଇଥିବା ଜଣାପଡ଼ିଥିଲା। ତେବେ ଏହି ଦୋକାନଗୁଡ଼ିକୁ ନୋଟିସ୍ ଦେବା ପରେ ମାଇକ୍ ଜରିଆରେ ସଚେତନ କରାଯାଇ ବେଆଇନ୍ ଦୋକାନକୁ ଅବରୋଧ ମୁକ୍ତ କରଯାଇଛି। ଅନ୍ୟପଟେ ସ୍ଥାନୀୟ ଲୋକଙ୍କ ମତରେ ନୋଟିସ୍ ଗୋଟିଏ ମାସ ପୂର୍ବରୁ ନଦେଇ ତରବରିଆ ଭାବରେ ଏହି ଉଚ୍ଛେଦ କରଯାଇଛି, ଯାହା ଆଇନ୍ ବିରୁଦ୍ଧ। ସମୟ ନଦେଇ ଅତର୍କିତ ଭାବରେ ଉଚ୍ଛେଦ ଗ୍ରହଣୀୟ ନୁହେଁ। ତେଣୁ ସିଏମ୍‌ସିର କାର୍ଯ୍ୟରତ ଅଧିକାରୀମାନଙ୍କ ନାଁରେ ଆଗାମୀ ଦିନରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ସ୍ଥାନୀୟ ଲୋକେ।

ହାତୀ-ମଣିଷ ଲଢ଼େଇ ହ୍ରାସ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବୀରନରସିଂହପୁର ସ୍ଥିତ ବନ ବିଭାଗ ସ୍ଥାୟୀ ନର୍ସରୀ ଠାରେ ହାତୀ-ମଣିଷ ଲଢ଼େଇ ହ୍ରାସ ପାଇଁ ଏକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ବୌଦ୍ଧ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ସୁଦର୍ଶନ ବାଦୀ, ସହକାରୀ ବନ ସଂରକ୍ଷକ ମିନାକ୍ଷୀ କୁମୁରା ଓ ଆଶିଷ କହଁର, କନ୍ଧମାଳ ସାଂସଦ ପ୍ରତିନିଧି ସରୋଜ କୁମାର ମେହେର, ବୌଦ୍ଧ ବିଧାୟକ ପ୍ରତିନିଧି ଧୀରେନ କୁମାର୍ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବନ ସୁରକ୍ଷା ସମିତିର ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ଓ ବନ ବିଭାଗ କର୍ମଚାରୀ ସାମିଲ୍ ହୋଇଥିଲେ ।

ବାଲେଶ୍ୱର ପୋଲିସରେ ଛୋଟ ଅଦଳବଦଳ

ବାଲେଶ୍ୱର, ନ୍ୟୁଜ୍

ବାଲେଶ୍ୱର ପୋଲିସର ଇନ୍ସପେକ୍ଟର ଓ ସବ୍ ଇନ୍ସପେକ୍ଟର ପର୍ଯ୍ୟାୟ ଅଫିସରଙ୍କର ଏକ ଛୋଟ ଧରଣର ବଦଳି କରାଯାଇଛି । ସହଦେବଖୁଣ୍ଟା ଥାନାର ଭାରପ୍ରାପ୍ତ ଇନ୍ସପେକ୍ଟର ଜୟନ୍ତ କୁମାର ବେହେରାଙ୍କର ସିମୁଳିଆ ଥାନାର ଭାରପ୍ରାପ୍ତ ଇନ୍ସପେକ୍ଟର ଭାବେ ବଦଳି ହୋଇଛି । ଟାଉନ୍ ଥାନାର ଭାରପ୍ରାପ୍ତ ଇନ୍ସପେକ୍ଟର ଅଶୋକ କୁମାର ନାୟକଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ ସହଦେବଖୁଣ୍ଟା ଥାନାର ଭାରପ୍ରାପ୍ତ ଇନ୍ସପେକ୍ଟର ଭାବରେ ଅତିରିକ୍ତ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଶିଙ୍ଗାଞ୍ଚଳ ଥାନାର ଭାରପ୍ରାପ୍ତ ଇନ୍ସପେକ୍ଟର ଶ୍ୟାମଘନ ବେହେରା, ସିମୁଳିଆ ଥାନାର ଭାରପ୍ରାପ୍ତ ଇନ୍ସପେକ୍ଟର ସ୍ୱର୍ଣ୍ଣଲତା ମିଂଜ, ଔପଦା ଥାନାର ଭାରପ୍ରାପ୍ତ ଇନ୍ସପେକ୍ଟର ଶ୍ରାବଣ କୁମାର ମହାରଣାଙ୍କୁ ଜିଲ୍ଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି । ଜଳେଶ୍ୱର ଥାନାର ସବ୍ ଇନ୍ସପେକ୍ଟର କ୍ରିଶନ ପିଂଗୁଆଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ ଜଳେଶ୍ୱର ଥାନାର ଭାରପ୍ରାପ୍ତ ଅଧିକାରୀ ଦାୟିତ୍ୱ ଦିଆଯାଇଛି । କଷାଫଳ ସାମୁଦ୍ରିକ ଥାନାର ଭାରପ୍ରାପ୍ତ ଅଧିକାରୀ ଏସ୍‌ଆଇ ପ୍ରଶାନ୍ତ କୁମାର ପାଣିଙ୍କୁ ରୂପ୍‌ସା ଥାନାର ଭାରପ୍ରାପ୍ତ ଅଧିକାରୀ ଭାବେ ବଦଳି କରାଯାଇଛି । ସହଦେବଖୁଣ୍ଟା ଥାନାର ଏସ୍‌ଆଇ ଅଶୋକ କୁମାର ବାରିକଙ୍କର କଷାଫଳ ସାମୁଦ୍ରିକ ଥାନାର ଭାରପ୍ରାପ୍ତ ଅଧିକାରୀ ଭାବେ ବଦଳି ହୋଇଥିବା ବେଳେ ରୂପ୍‌ସା ଥାନାର ଭାରପ୍ରାପ୍ତ ଅଧିକାରୀ ଏସ୍‌ଆଇ ସଚ୍ଚିଦାନନ୍ଦ ଗିରିଙ୍କର ସହଦେବଖୁଣ୍ଟା ଥାନାକୁ ବଦଳି ହୋଇଛି ।

ନାବାଳିକା ଗଣବଳାତ୍କାର ଘଟଣା:୪ ଗିରଫ

କୁଚିଣ୍ଡା, ନ୍ୟୁଜ୍ ବ୍ୟୁରୋ

ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଅଞ୍ଚଳରେ ଜଣେ ୧୪ ବର୍ଷର ନାବାଳିକାଙ୍କୁ ଗଣବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି । ପୋଲିସ ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରି ବୁଧବାର ସମ୍ବଲପୁର ପକ୍ସୋ କୋର୍ଟକୁ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ବିଲୁଙ୍ଗ ଗ୍ରାମର ଜିତେନ୍ଦ୍ର ଭଞ୍ଜ ଓରଫ ସଞ୍ଜିତ (୧୯), ଦୁମକୁ ଗ୍ରାମର ଗୋବିନ୍ଦ କିଷାନ (୨୮), ସୁନ୍ଦରଗଡ ଜିଲ୍ଲା ଗୁରୁଣ୍ଡିଆ ଥାନା ନୂଆପାଲି ଗ୍ରାମର ଅନିଲ ମିଞ୍ଜ (୨୭) ଓ ସୁନ୍ଦରଗଡ ଜିଲ୍ଲା କୁତ୍ରା ଥାନା କର୍ମାବାହାଲ ଗ୍ରାମର ସରୋଜ ଏକ୍କା (୨୪) ପିଡିତାଙ୍କ ବାପାଙ୍କ ରିପୋର୍ଟ କ୍ରମେ ପୋଲିସ ମହୁଲପାଲି ଥାନା କେଶ ନଂ ୧୮୮/ତା ୦୧/୧୨/୨୦୨୪ ରିଖ ଦଫା- ୧୨୬(୨)/୧୧୫(୨)/୩୫୧(୨)/୭୪/୭୦(୨)/୩୦୯(୪) ବିଏନ୍‌ଏସ୍‌ରେ ମାମଲା ରୁଜୁ କରିଛି । ପୋଲିସ ସେମାନଙ୍କ ଠାରୁ ଏକ ବାଜାଜ ଡିସ୍‌କଭର୍ ବାଇକ୍, ୫ଟି ମୋବାଇଲ୍ ଫୋନ୍ ସହ ୭୫୦ ଟଙ୍କା ଜବତ କରିଛି । ସୂଚନା ଅନୁଯାୟୀ, ପୀଡିତା ନାବାଳିକା ଜଣକ ଶନିବାର ରାତି ୨ଟାରେ ତାଙ୍କ ସମ୍ପର୍କୀୟ ଭାଇ ଓ ପଡୋଶୀମାନଙ୍କ ସହ ବିଲୁଙ୍ଗ ଗ୍ରାମରୁ ଯାତ୍ରା ଦେଖି ଫେରୁଥିଲେ । ଅଭିଯୁକ୍ତମାନେ ବିଲୁଙ୍ଗ- ଲପଡା ମଝିରେ ଥିବା ପୋଲ ନିକଟରେ ପୀଡିତାଙ୍କ ସାଥିରେ ଥିବା ଲୋକଙ୍କୁ ମାଡପିଟ୍ କରି ତାଙ୍କୁ ଜଙ୍ଗଲକୁ ଟେକିନେଇ ଗଣବଳାତ୍କାର କରିଥିଲେ । ପରେ ପୀଡିତାଙ୍କୁ ତାଙ୍କ ଗାଁ ପାଖରେ ଛାଡି ଦେଇଥିଲେ । ପୀଡିତା ନାବାଳିକା ଘରେ ପହଞ୍ଚି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ କହିବାରୁ ରବିବାର ସକାଳେ ତାଙ୍କ ବାପା ମହୁଲପାଲି ଥାନାରେ ଲିଖିତ ରିପୋର୍ଟ କରିଥିଲେ । ପୋଲିସ ମଙ୍ଗଳବାର ପୀଡିତାଙ୍କ ଡାକ୍ତରୀ ମାଇନା ମେଡିକାଲ୍‌ରେ କରିଥିବା ବେଳେ ସମ୍ବଲପୁର ପକ୍ସୋ ମାଜିଷ୍ଟ୍ରେଟରଙ୍କ ସମ୍ମୁଖରେ ବୟାନ ରେକର୍ଡ କରାଇଛି । ଏନେଇ ବୁଧବାର କୁଚିଣ୍ଡା ଏସ୍‌ଡିପିଓ ଅମିତାଭ ପଣ୍ଡା ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

ମେମୁ ଟ୍ରେନ୍‌ରୁ ପଡ଼ି ଯୁବକ ମୃତ

ନରଣପୁର, ନ୍ୟୁଜ୍ ବ୍ୟୁରୋ

କେନ୍ଦୁଝରରୁ ପ୍ରତିଦିନ ସକାଳୁ ଖୋର୍ଦ୍ଧାରୋଡ଼ ଅଭିମୁଖେ ଯାଉଥିବା ମେମୁ ସ୍ପେଶାଲ୍ ଟ୍ରେନ୍‌ରୁ ପଡିଯାଇ ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଯୁବକ ଜଣଙ୍କ ହେଉଛନ୍ତି କେନ୍ଦୁଝର ବନଚୋ ନିକଟସ୍ଥ ଭାତକରୁଆ ଗ୍ରାମର ବିଜୟ କୁମାର ମହାପାତ୍ରଙ୍କ (୫୩) ବର୍ଷୀୟ ପୁଅ ଅଭୟ କୁମାର ମହାପାତ୍ର । ଯୁବକ ଜଣଙ୍କ ଏକ ବିବାହ ଭୋଜିରେ ଯୋଗଦେବା ପାଇଁ ନିଜ ପରିବାର ସହିତ ଭୁବନେଶ୍ୱର ଯାତ୍ରା କରୁଥିଲେ । ଜେନାପୁର ଷ୍ଟେସନ୍‌ରେ ମେମୁ ଟ୍ରେନ୍ ଅଟକି ଥିବାବେଳେ ସେ ପାଣି ସଂଗ୍ରହ କରିବା ପାଇଁ ଯାଇଥିଲେ। ହଠାତ୍ ମେମୁ ଟ୍ରେନ୍ ଛାଡିବା ପାଇଁ ହର୍ଣ୍ଣ ମାରିବା ବେଳେ ସେ ଦଉଡି ଦଉଡି ଟ୍ରେନ୍‌କୁ ଉଠିବା ବେଳେ ତଳେ ଖସିପଡ଼ିଥିଲେ। ସେଠାରୁ ତାଙ୍କୁ ତୁରନ୍ତ ଧର୍ମଶାଳା ଚିକିତ୍ସାଳୟକୁ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଘଟଣା ସ୍ଥଳୀରେ ରେଳବାଇ ପୋଲିସ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଥିଲା। ରେଳବାଇ ପୋଲିସ ଭଦ୍ରକ ରେଳବାଇ ଥାନା କେସ୍ ନମ୍ବର ୯୬/୨୦୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ମୃତକ ଅଭୟ କୁମାର ମହାପାତ୍ର କେନ୍ଦୁଝର ହୁଡ଼କୋ କଲୋନୀରେ ଭଡାରେ ରହି ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଥିବା ବେଳେ ତାଙ୍କର ପରିବାରର ଆର୍ଥିକ ଅବସ୍ଥା ଅତି ଶୋଚନୀୟ।

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ବ୍ରୋଞ୍ଜୀ ପ୍ରତିମୂର୍ତ୍ତି ଅନାବରଣ

ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ବିଶିଷ୍ଟ ଗାନ୍ଧୀବାଦୀ ସ୍ୱାଧୀନତା ସଂଗ୍ରାମୀ ପୂର୍ବତନ ସାଂସଦ ଓ ବିଧାୟକ ଗୋକୁଳାନନ୍ଦ ମହାନ୍ତିଙ୍କ ୫୦ତମ ପୁଣ୍ୟତିଥି ଅବସରରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜଘାଟ ଛକ ଠାରେ ପ୍ରତିଷ୍ଠା କରାଯାଇଥିବା ସ୍ୱର୍ଗତ ମହାନ୍ତିଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତିର ଅନାବରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଗୋକୁଳାନନ୍ଦ ମହାନ୍ତି ଜିଲ୍ଲା ସ୍ମୃତି କମିଟି, ଭଦ୍ରକ ଆନୁକୂଲ୍ୟରେ ଏକ ବର୍ଣ୍ଣାଢ୍ୟ ସମାରୋହରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ବି.ଜେ.ପିର ସଭାପତି ମନମୋହନ ସାମଲ ଯୋଗଦେଇ ଅନ୍ୟ ସମ୍ମାନିତ ଅତିଥିମାନଙ୍କ ଗହଣରେ ପ୍ରତିମୂର୍ତ୍ତିର ଅନାବରଣ କରିଥିଲେ । ସ୍ୱର୍ଗତ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣା ସଭାରେ ମୁଖ୍ୟ ଅତିଥିଙ୍କ ସହ ଅନ୍ୟତମ ବରେଣ୍ୟ ଅତିଥିଭାବେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ବରେଣ୍ୟ ବକ୍ତା ଭାବେ କାର୍ଯ୍ୟନିର୍ବାହୀ ସଂପାଦକ, ପ୍ରଗତିବାଦୀ ବିରୂପାକ୍ଷ ତ୍ରିପାଠୀ ଏବଂ ସଂଯୋଜକ ଗାନ୍ଧୀ ଓଡ଼ିଶା ପ୍ରତିଷ୍ଠାନ, ଓଡ଼ିଶା ଡ଼ା. ବିଶ୍ୱଜିତ୍ ଯୋଗଦେଇଥିଲେ। ସ୍ମୃତି କମିଟିର ସଭାପତି ଲଲାଟେନ୍ଦୁ ମହାନ୍ତି ସ୍ୱାଗତ ଭାଷଣ ଓ ସମ୍ପାଦକ ଅଭୟ ଦ୍ୱିବେଦୀ ମଞ୍ଚ ପରିଚାଳନା କରିଥିଲେ । ଗୋକୁଳାନନ୍ଦ ମହାନ୍ତିଙ୍କ ଉଦ୍ଦେଶ୍ୟରେ ସମର୍ପିତ ସ୍ମୃତି ଅର୍ଘ୍ୟ "ମରଣଜୟୀ ଗୋକୁଳାନନ୍ଦ" ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା । ମହାପୁରୁଷମାନେ ମାଟି ପାଇଁ ଜାତି ପାଇଁ ସମ୍ପଦ । ସେମାନଙ୍କର ତ୍ୟାଗ, ତିତିକ୍ଷା, ଆଦର୍ଶ, ନିଃସ୍ୱାର୍ଥପରତାକୁ ଆଗାମୀ ପିଢ଼ି ମଧ୍ୟରେ ବଞ୍ଚାଇ ରଖିଲେ ଯାଇ ସେମାନେ ଏଥିରେ ଅନୁପ୍ରାଣୀତ ହେବେ । ମହାପୁରୁଷମାନେ ନିଜ ନିଜର ଜୀବନ ଯୌବନ ବଳିଦାନ ଦେଇ ଯେଉଁ ସ୍ୱାଧୀନତା ହାସଲ କରିଛନ୍ତି, ଯେଉଁ ସ୍ୱପ୍ନ ଦେଖିଯାଇଛନ୍ତି, ସେମାନଙ୍କ ପଥାନୁସରଣ କରିବାକୁ ହେଲେ ଆମକୁ ସେମାନଙ୍କୁ ଜାଣିବାକୁ ହେବ । ନିଷ୍ଠାପର ଦେଶଭକ୍ତ ସଂଗ୍ରାମ, ସାହିତ୍ୟ, ସଂସ୍କୃତି ମାଟିର ସଂଗ୍ରାମୀ ଯୁଗପୁରୁଷ ଗୋକୁଳାନନ୍ଦ ମହାନ୍ତି ୧୯୫୨ରେ ଭଣ୍ଡାରିପୋଖରୀ ବିଧାୟକ ଓ ୧୯୬୨ରେ ବାଲେଶ୍ୱର ସାଂସଦ ହିସାବରେ ନିର୍ବାଚିତ ହୋଇ ଜଣେ ସଚ୍ଚା ଦେଶ ସେବକ ଭାବେ କାର୍ଯ୍ୟ କରିପାରିଛନ୍ତି ବୋଲି ଅତିଥିମାନେ ବକ୍ତବ୍ୟମାନେ ମତବ୍ୟକ୍ତ କରିଥିଲେ । ସକାଳେ ତାଙ୍କ ବାସସ୍ଥାନ କୁଆଁସ ଗ୍ରାମରେ ତିଳତର୍ପଣ ଓ ତାଙ୍କ ସମାଧିପୀଠରେ ପୁଷ୍ପମାଲ୍ୟ ଅପଣ କରାଯାଇଥିଲା । ବୟୋଜ୍ୟେଷ୍ଠ ସ୍

ପକ୍ଷାନ୍ତରୀୟ
30 YEARS
ସମ୍ବାଦ କଳିକା

୫୦% ପର୍ଯ୍ୟନ୍ତ ବୃଦ୍ଧି ଘଟିଛି ପିଆଜ

ଗତ କିଛି ଦିନ ଭିତରେ ସାରା ଦେଶରେ ପିଆଜ ମହଙ୍ଗା ହେବାରେ ଲାଗିଛି। ପିଆଜ ଉପରେ କେନ୍ଦ୍ର ସରକାର ଜାରି କରିଥିବା କଟକଣା କୋହଳ ହେବା ଆଶାରେ କିଛି ବ୍ୟବସାୟୀ ପିଆଜକୁ ମହଦୁଜ ରଖି କୃତ୍ରିମ ଅଭାବ ସୃଷ୍ଟି କରିବାକୁ ପ୍ରୟାସ କରୁଥିବା ମଧ୍ୟ ଅଭିଯୋଗ ରହିଛି। ଭାରତର ସବୁଠୁ ବଡ଼ ପିଆଜ ପାଇକାରୀ ବଜାର ମହାରାଷ୍ଟ୍ରର ଲାସାଲଗାଓଁ ମଣ୍ଡିରେ ପିଆଜର ପାଇକାରୀ ଦାମ୍ କେଜି ପିଛା ୨୬ ଟଙ୍କାକୁ ବୃଦ୍ଧି ପାଇଛି। ମେ' ୨୫ରେ ଏହି ଦାମ୍ ୧୭ ଟଙ୍କା ଥିଲା। ପିଆଜ ଦାମରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ଘଟିଛି। ଉନ୍ନତ ମାନର ପିଆଜ କେଜି ଦାମ୍ କେଜି ପିଛା ୩୦ ଟଙ୍କା ରହିଛି। ଚାହିଦା ପୂରଣ କରିବା ଲାଗି ପିଆଜ ଯୋଗାଇ ହେଉନଥିବାରୁ ତାହାର ଦାମ୍ ବଢୁଛି। ଜୁନ୍ ମାସ ପରଠାରୁ ଚାଷୀ ଓ ବ୍ୟବସାୟୀମାନଙ୍କ ପାଖରେ ଥିବା ପିଆଜ ବଜାରକୁ ଆସିଯିବା କଥା। ରବି ଋତୁରେ ଉତ୍ପାଦନ କମ୍ ହୋଇଥିବାରୁ ପିଆଜ ଦାମ୍ ବଢ଼ିବ ବୋଲି ଭାବି ଚାଷୀମାନେ ତାହା ବଜାରକୁ ଛାଡୁନାହାନ୍ତି। ଅଳ୍ପ ଦାମରେ ପିଆଜ ବିକିବାକୁ ସେମାନେ କୁଣ୍ଠା ପ୍ରକାଶ କରୁଛନ୍ତି। ନିଜ ଉତ୍ପାଦିତ ସାମଗ୍ରୀ ଲାଗି ସେମାନେ ଅଧିକ ଦାମ୍ ଆଶା କରୁଛନ୍ତି। ଅନ୍ୟପକ୍ଷରେ ପିଆଜ ରପ୍ତାନି ଉପରେ ଲଗାଯାଇଥିବା କଟକଣା କୋହଳ କରାଯିବା ପରେ ଶ୍ରୀଲଙ୍କା, ବାଂଲାଦେଶ, ମାଲେସିଆ ଓ ଅନ୍ୟାନ୍ୟ ଦେଶକୁ ପିଆଜ ରପ୍ତାନି ବୃଦ୍ଧି ପାଇଛି। ଏହାର ପ୍ରଭାବରେ ଦେଶ ଭିତରେ ପିଆଜ ଅଭାବ ଦେଖାଦେଇଛି। ଜଣେ ବ୍ୟବସାୟୀଙ୍କ ସୂଚନା ଅନୁସାରେ ମହାରାଷ୍ଟ୍ରର ନାସିକରୁ ପ୍ରତିଦିନ ୩୦ ଟନ୍ ଲେଖାଏଁ ପିଆଜ ଭର୍ତ୍ତି ହୋଇଥିବା ୧୦୦ କଣ୍ଟେନର ରପ୍ତାନି ହେଉଛି। ଗତମାସରୁ କଟକଣା କୋହଳ ହେବା ପରେ ଅଧିକ ପରିମାଣର ପିଆଜ ଦେଶ ବାହାରକୁ ଯାଉଛି। ଦେଶ ଭିତରେ ପିଆଜ ଅଭାବ ଦେଖାଦେବା ପରେ କେନ୍ଦ୍ର ସରକାର ତାହାର ରପ୍ତାନି ଉପରେ ୪୦ ପ୍ରତିଶତ ଟିକସ ଲଗାଇଥିଲେ। ସେଥିପାଇଁ ପିଆଜ ରପ୍ତାନି କମ୍ ରହିଛି। ଅନ୍ୟପକ୍ଷରେ ନିକଟରେ ସାରା ଦେଶରେ ପିଆଜର ଚାହିଦା ବଢ଼ିଛି। ବିଶେଷ କରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ମହାରାଷ୍ଟ୍ର ପିଆଜକୁ ନେଇ ଚାହିଦା ବୃଦ୍ଧି ପାଇଛି। ଉଦ୍ୟାନ କୃଷି ଉତ୍ପାଦ ରପ୍ତାନି ସଂଘର ସଭାପତି ଅଜିତ ଶାହ କହିଛନ୍ତି ଯେ ପିଆଜ ଦର ବଢ଼ିବାର ଏକ ପ୍ରମୁଖ କାରଣ ହେଉଛି ଚାଷୀ ଓ ବ୍ୟବସାୟୀମାନେ ଷ୍ଟକ୍ ମହଜୁଦ ରଖିଛନ୍ତି। କେନ୍ଦ୍ର ସରକାର ରପ୍ତାନି କଟକଣା କୋହଳ କରିବେ ବୋଲି ସେମାନେ ଆଶା କରୁଛନ୍ତି। ପ୍ରବଳ ଗରମ, ଅଦିନିଆ ବର୍ଷା ଯୋଗୁ ଯୋଗାଣ ପ୍ରଭାବିତ ହୋଇଥିବାରୁ ଗତ ସପ୍ତାହରେ ଟମାଟୋ, ପିଆଜ ଓ ଆଳୁ ଦାମରେ ବୃଦ୍ଧି ଘଟିଥିବା ଜଣାପଡ଼ିଛି।

ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

ସତ୍ୟ ଭାଗବତ

ଶ୍ରୀ ଅଭିରାମ ସରସ୍ୱତୀ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗସ୍ତା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମୁସ୍ତେ ।'

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)
ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ୱ ବ୍ୟ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ତା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ–୯୬୬୮୨୯୮୪୯୪

ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୨)

(ଏକ ଐତିହାସିକ ଉପସ୍ଥାପନା)

ଅବଶ୍ୟ ଉତ୍‌ଥାନ ପତନ ପ୍ରକୃତିର ନିୟମ ବୋଲି ସମେସ୍ତ ଜାଣନ୍ତି। ତେବେ ଇତିହାସ କେବେ କାହାକୁ କ୍ଷମା ଦେବନି କିମ୍ବା ସତ୍ୟରୁ ତିଳେମାତ୍ର ବିଚ୍ୟୁତ ହେବନାହିଁ। ଏହା ହେଉଛି ଅଖଣ୍ଡ ସତ୍ୟ, ଯେଉଁ ଜାତି, ସମାଜ ବା ବ୍ୟକ୍ତି ନିଜର ଶକ୍ତି ସାମର୍ଥ୍ୟ, ଉଦ୍ୟମ ଉପରେ ଦୃଢ ଆସ୍ଥା ରଖି ପାରେନା, ଯିଏ ଅନ୍ୟର ବୁଦ୍ଧି ଉପରେ ସଦା ନିର୍ଭାରଶୀଳ, ସେମାନେ କଦାପି ଉନ୍ନତି କରିପାରିନ୍ତି ନାହିଁ। ଏହା ହେଉଛି ପ୍ରକୃତିର ଅକାଟ୍ୟ ନିୟମ। ରାଜା ପ୍ରତାପ ରୁଦ୍ରଙ୍କ ଜୀବନରେ ଉପରୋକ୍ତ ରଗ୍‌ଣ ମାନସିକତା ଗୁଡିକ ପରିପୁଷ୍ଟ ହେଉଥିଲା। ଜଣେ ବିଶ୍ୱାସଘାତକ ସେନାପତି ଗୋବିନ୍ଦ ବିଦ୍ୟାଧରଙ୍କ କୁମନ୍ତ୍ରଣା ଦ୍ୱାରା ନିଶ୍ଚିତ ବିଜୟ ପ୍ରାପ୍ତ ହୋଇଥିବା ରାଜାଙ୍କୁ ଚିରଦିନ ପାଇଁ ହରାଇଲେ। ବିଶ୍ୱାସଘାତକ ଗୋବିନ୍ଦ ବିଦ୍ୟାଧରର ସମସ୍ତ ମନ୍ଦ ଉଦ୍ଦେଶ୍ୟକୁ ଜାଣି ସାରିବା ପରେ ବି ତାଙ୍କୁ ପୂର୍ବପରି ସେନାପତି ପଦରେ ଅଳଙ୍କୃତ କରାଇବାଥିଲା ପ୍ରତାପରୁଦ୍ରଙ୍କ ଜୀବନରେ ଅକ୍ଷମଣୀୟ ତ୍ରୁଟି। ରାଜାଙ୍କ ଦୁର୍ଭାଗ୍ୟର ଅସରନ୍ତି କାହାଣୀ ଶ୍ରବଣ କରି ଦକ୍ଷିଣରୁ କୃଷ୍ଣ ଦେବରାୟ ଓଡ଼ିଶା ଆକ୍ରମଣ କରିଥିଲେ। କୃଷ୍ଣ ଦେବରାୟ ପ୍ରତାପରୁଦ୍ରଙ୍କୁ ଶୋଚନୀୟ ଭାବେ ପରାସ୍ତ କରାଇ ତାଙ୍କର କନ୍ୟା ଅନିନ୍ଦ୍ୟ ସୁନ୍ଦରୀ ଜଗମୋହନୀଙ୍କୁ ବଳ ପୂର୍ବକ ବିବାହ ବନ୍ଧନରେ ବାନ୍ଧିନେଲେ। ନିରାଶା, ଅବସାଦ, ଗ୍ଲାନି ତୀବ୍ର ମାନସିକ ସଂଘାତରେ ରାଜା ଯେତେବେଳେ ସଂପୂର୍ଣ୍ଣ ବିଚଳିତ ସେହି ସମୟରେ ତାଙ୍କର ପୁତ୍ର ବୀରଭଦ୍ରଙ୍କୁ କୃଷ୍ଣ ଦେବରାୟ ବଳ ପୂର୍ବକ ଅକ୍ତିଆର କରିନେଇ ଗୋଟିଏ ସାଧାରଣ ସୈନିକ ସାଥିରେ ପାଇକ ଖେଳର କୌଶଳ ପ୍ରଦର୍ଶନ କରିବା ପାଇଁ ନିର୍ଦ୍ଦେଶ ଦେବାରୁ ଅପମାନିତ ପ୍ରତାପ ରୁଦ୍ରଙ୍କ ପୁତ୍ର ନିଜ ବକ୍ଷକୁ ଗୋଟାଏ ତୀକ୍ଷଣ ଛୁରିକା ଦ୍ୱାରା ବିଦ୍ଧ କରି ସର୍ବ ସମ୍ମୁଖରେ ଆତ୍ମହତ୍ୟା କଲେ। ଆତଙ୍କର ଗୋଟାଏ ଗମ୍ଭୀର ବାତାବରଣ ରାଜାଙ୍କୁ ଅତିଶୟ ମର୍ମାହତ କରିଦେଲା। ଉତ୍କଳର ଗୌରବ, ଗର୍ବ, ସମ୍ମାନର ପ୍ରତୀକ ରୂପେ ସବର୍ତ୍ତ୍ର ପରିଚିତ ହୋଇଥିବା ଗଜପତିଙ୍କ ଭାଗ୍ୟ ଯେତେବେଳେ ଭୁଲୁଣ୍ଠିତ ସେହି ସମୟରେ ଶ୍ରୀ ଚୈତନ୍ୟ ଦେବଙ୍କ ବୈଷ୍ଣବଧାମର ଭକ୍ତି ଆନ୍ଦୋଳନ ଏହାକୁ ଆହୁରି ଦ୍ୱିଗୁଣିତ କରିଦେଇଥିଲା ବୋଲି ଅନେକ ଐତିହାସିକ ମତ ଦିଅନ୍ତି। ଅସୁମାରୀ ସୈନିକ ହରିନାମରେ ନିମଜ୍ଜିତ। କପିଳେନ୍ଦ୍ର ଦେବଙ୍କ ସମୟରେ ଯେଉଁ ଓଡ଼ିଆ ବୀର ପାଇକ ପୁଅମାନେ ହାତରେ ଶାଣିତ ତରବାରୀ ଦ୍ୱାରା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିଶାଳ ଭୂଖଣ୍ଡକୁ ଉତ୍କଳରେ ମିଶାଇ ବିଶାଳ ସାମ୍ରାଜ୍ୟ ଗଠନ କରିଥିଲେ, ସେହି ପ୍ରତାପରୁଦ୍ରଙ୍କ ସମୟରେ ହଜାର ହଜାର ପାଇକ ସାମରିକ ଅସ୍ତ୍ରଶସ୍ତ୍ର ପରିତ୍ୟାଗ କରି ହରିନାମ ସଂକୀର୍ତ୍ତନରେ ବ୍ୟାପୃତ ରହିବା ଫଳରେ ରାଜ୍ୟର ସାମରିକ ଶକ୍ତି ପ୍ରତାପରୁଦ୍ରଙ୍କ ସମୟରେ ବିଲୁପ୍ତ ପ୍ରାୟ ହୋଇଗଲା। ରାଜ୍ୟର ସୀମା ଧୀରେ ଧୀରେ ସଙ୍କୁଚିତ ହେବାକୁ ଲାଗିଲା। ପ୍ରତାପ ରୁଦ୍ରଙ୍କର ଚତୁର୍ଦ୍ଦିଗରେ ବାରମ୍ବାର ବିଷାଦ, ଦୁଃଖ, ଦୁର୍ଦ୍ଦଶା, ନୈରାଶ୍ୟର ହୃଦୟ ବିଦାରକ ଝଞ୍ଝା ତାଙ୍କୁ ପାଗଳ ପ୍ରାୟ କରିଦେଇଥିଲା, ତାହା ବର୍ଣ୍ଣନାତୀତ। ଐତିହାସିକ ମାନେ ଯେଉଁ ଚୈତନ୍ୟଙ୍କ ଭକ୍ତି ଆନ୍ଦୋଳନକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି ତାହା ଏ ଲେଖକ ମତରେ ସଂପୂର୍ଣ୍ଣ ସତ୍ୟ ନୁହେଁ। ବାସ୍ତବ କଥା ହେଲା ଭକ୍ତି ଭାବ ହେଉଛି ଏକ ସୂକ୍ଷ୍ମ ଏବଂ ବଳିଷ୍ଠ ଚେତନା, ଯାହାକି ବହୁ ବ୍ୟକ୍ତିଙ୍କ ହିତରେ ତାହା ସୁପ୍ତ ଭାବରେ ରହିଥାଏ। ପାରିପାର୍ଶ୍ୱିକ ପରିସ୍ଥିତିକ୍ରମେ ତାହା ବିକଶିତ ହୋଇଥାଏ, କେତେକ ସ୍ଥଳରେ ପରିସ୍ଥିତି କ୍ରମେ ତାହା ବିଲୁପ୍ତ ବି ହୁଏ। କିନ୍ତୁ ପ୍ରତାପରୁଦ୍ରଙ୍କ ସମୟରେ ଶ୍ରୀ ଚୈତନ୍ୟ ଦେବଙ୍କ ଆଗମନ କାଳରେ ବୈଷ୍ଣବ ଧର୍ମର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଯେଉଁ ସ୍ୱର ଉତ୍ତୋଳନ ଉତ୍କଳରେ ହେଲା ତାହାର ସର୍ବୋତ୍ତମ ଆଧାର ହେଉଛନ୍ତି ଅନାଦି କାଳରୁ ଶ୍ରୀକ୍ଷେତ୍ରରେ ପୂଜିତ ହୋଇ ଆସୁଥିବା ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି। ଶ୍ରେଷ୍ଠ ନରପତି କପିଳେନ୍ଦ୍ର ଦେବ ମଧ୍ୟ ଶ୍ରୀଜଗନ୍ନାଥଙ୍କର ଜଣେ ବିମୁଗ୍ଧ ଉପାସକ। ଜୀବନ ବ୍ୟାପି ଅର୍ଜନ କରିଥିବା ରାଜ୍ୟ, ଧନ, ସଂପତ୍ତି ଏବଂ ରାଜ ସିଂହାସନ ସମେତ ସମସ୍ତ ଉପାଦାନଙ୍କୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀ ଚରଣରେ ସମର୍ପଣ କରିଦେଇ ତାଙ୍କର ଦାସ ଭାବେ ରାଜ୍ୟ ପରିଚାଳନା କରିଥିଲେ। (କ୍ରମଶଃ)

ଭାଷା କଥା

ଡଃ. ଦେବାଶିଷ ମହାପାତ୍ର
ବିଜୟ ଭବନ, ୧୫୮୮,
କେଉଟସାହି ଛକ,
ଭୁବନେଶ୍ୱର–୭୫୧୦୦୨
ମୋ–୮୭୬୩୫୦୪୪୩୫

ଓଡ଼ିଆ ବର୍ଣ୍ଣବିଚାର

ଯେକୌଣସି ଭାଷାରେ ଗୋଟିଏ ଅଭିଧାନ ଦେଖିଲେ ଆମେ ଦେଖୁ ଯେ ବର୍ଣ୍ଣ ଗୋଟିଏ ବିଶେଷ୍ୟ ପଦ। ଏହାର ଅର୍ଥ ଜାତି- ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ଇତ୍ୟାଦି। ଏହାର ଅର୍ଥ ମଧ୍ୟ ରଙ୍ଗ, ଅକ୍ଷର, ରାଶି ଆଦି ଭେଦରେ ଜାତକର ଶ୍ରେଣୀବିଭାଗ। ଖ୍ୟାତି, ସ୍ତବ ବା ପ୍ରଶଂସା, ଅଙ୍ଗରାଗ, ସୌନ୍ଦର୍ଯ୍ୟ। ତେବେ ଆମେ ଏଠି ବର୍ଣ୍ଣ ଅର୍ଥ ଅକ୍ଷର କଥା ବିଚାର କରିବା। ବର୍ଣ୍ଣ ଅର୍ଥ ଅକ୍ଷର, ବର୍ଣ୍ଣ ଜ୍ଞାନ ଅର୍ଥ ଅକ୍ଷର ପରିଚୟ। ବର୍ଣ୍ଣମାଳା ଅର୍ଥ ଭାଷାରେ ବ୍ୟବହାର ହେଉଥିବା ଅକ୍ଷର ସମୂହ। ବର୍ଣ୍ଣ ଗୋଟିଏ ଭାଷାର ସୌନ୍ଦର୍ଯ୍ୟ ବୃଦ୍ଧିର ସହାୟକ। ବର୍ଣ୍ଣ ଗୋଟିଏ ଭାଷାର ଆଧାର ଅଥବା ଭିତ୍ତିପ୍ରସ୍ତର। ଭାଷାକୁ ଯଦି ଆମେ ଶରୀର ଭାବେ ବିଚାର କରୁ ତେବେ ବର୍ଣ୍ଣ ତା' ଆବରଣ। ନବାକ୍ଷରୀ ଛନ୍ଦରେ 'ଓଡ଼ିଆ ଭାଗବତ' ଲେଖି ଆମ ଓଡ଼ିଆ ଭାଷାକୁ ଏକ ନୂଆ ରୂପ ଦେଇଥିବା ପ୍ରାତଃ ସ୍ମରଣୀୟ ସ୍ରଷ୍ଟା ଅତିବଡ଼ୀ ଜଗନ୍ନାଥ ଦାସ ଓଡ଼ିଆ ବର୍ଣ୍ଣମାଳାର ନିର୍ଦ୍ଧାରଣ, ଏହାର ସଂଖ୍ୟା, ଏହାର ପ୍ରକରଣର କଥା ନବାକ୍ଷରୀ ଛନ୍ଦରେ, ଦ୍ୱାଦଶ ସ୍କନ୍ଧ, ଷଷ୍ଠ ଅଧ୍ୟାୟରେ ଖୁବ୍ ଚମତ୍କାର ଭାବେ କହିଛନ୍ତି-

ଏକାକ୍ଷର ବ୍ରହ୍ମ ପ୍ରଣବ। ଶବଦ
ରୂପୀ ବୀଜ ସର୍ବ।।
ତାହାଙ୍କ ତହୁଁ ଉତପନ୍ନ। ଚଉଦ
ଅକାରଦି ବର୍ଣ୍ଣ ।।
ପଚିଶି ବର୍ଣ୍ଣେ ପଞ୍ଚପଞ୍ଚ। ପାଞ୍ଚ
ବର୍ଣ୍ଣରେ ବର୍ଗ ସଞ୍ଚ।।
ଏ ଅନ୍ତେ ଅନ୍ତଃସ୍ଥ ଏ ଜାଣ। ଯ
ର ଳ ବ ଏ ଚାରି ବର୍ଣ୍ଣ ।।
ଶ ଷ ସ ହ ଏ ଚାରିବର୍ଣ୍ଣ।
ଉଷ୍ମବର୍ଣ୍ଣ ବୋଲିଣ ଜାଣ।।

ଓଡ଼ିଆ ଭାଗବତରେ ଛନ୍ଦରେ ବର୍ଣ୍ଣିତ ଆମ ବର୍ଣ୍ଣ କଥାରୁ ଆମେ ଅନୁଭବ କରୁ କିଭଳି ପାଞ୍ଚଟି ବର୍ଗ ଆମ ଭାଷାରେ ଅଛି। ଶ, ଷ, ସ, ହ, ଉଷ୍ମବର୍ଣ୍ଣ। ଯ, ର, ଳ, ବ ଅନ୍ତଃସ୍ଥ ବର୍ଣ୍ଣ। ଏ ସବୁ କଥା ଏବେ ଭାଷା ବିଜ୍ଞାନରେ ଆଲୋଚନା ହେଉଛି। ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣ, ହ୍ରସ୍ୱସ୍ୱର ଓ ଦୀର୍ଘସ୍ୱର, ସଘୋଷ ଓ ଅଘୋଷ ଆଦି କେତେ ଦୃଷ୍ଟିରୁ ବର୍ଣ୍ଣ ବିଚାର କରାଯାଏ। ବର୍ଣ୍ଣର କଥିତ ରୂପ ଧ୍ୱନି ଲିଖିତ ରୂପ ଅକ୍ଷର। ଆମେ ଉଚ୍ଚାରଣ କଲେ ସ୍ୱର ଧ୍ୱନି, ଆମେ ଲେଖିଲେ ସ୍ୱର ବର୍ଣ୍ଣ। ଆମେ କହିଲେ ବ୍ୟଞ୍ଜନ ଧ୍ୱନି, ଆଉ ଲେଖିଲେ ବ୍ୟଞ୍ଜନବର୍ଣ୍ଣ। ଭକ୍ତ କବି ମଧୁସୂଦନ ରାଓଙ୍କ 'ବର୍ଣ୍ଣବୋଧ' ଏବେ ବି ଓଡ଼ିଆ ବର୍ଣ୍ଣମାଳା ନିର୍ଦ୍ଧାରଣ କ୍ଷେତ୍ରରେ ବର୍ଣ୍ଣ ବା ଅକ୍ଷର ଶିଖିବାରେ ଆମର ପଥପ୍ରଦର୍ଶକ। ଏଥିରେ ଆମ ବର୍ଣ୍ଣମାଳାର ସ୍ୱରବର୍ଣ୍ଣ, ବ୍ୟଞ୍ଜନବର୍ଣ୍ଣ, ଅତିରିକ୍ତ ବର୍ଣ୍ଣ କ୍ରମରେ ଅକ୍ଷର ଓ ମାତ୍ରା (ଅବନା ବନା) ଏବଂ ଦ୍ୱିତୀୟ ଭାଗରେ ଫଳା ଓ ଯୁକ୍ତାକ୍ଷରଗୁଡ଼ିକର ଗଠନ ପଦ୍ଧତି ଓ ପ୍ରୟୋଗ ବିଧି ରହିଛି। ବର୍ଣ୍ଣର ଅର୍ଥ ଯେକୌଣସି ଭାଷାର ଲିଖନ କାର୍ଯ୍ୟରେ ବ୍ୟବହାର ହେଉଥିବା ବିଭିନ୍ନ ଧ୍ୱନିର ରେଖାରୂପ ଲିପି ବା ଅକ୍ଷର। ବର୍ଣ୍ଣ ବିଚାର ବେଳେ ଆମେ କହିପାରିବା ଯେ, ଏହା ଗୋଟିଏ ଭାଷାର ମୌଳିକ ଜୀବନକୋଷ। ଆମ ମୁଖନିଃସୃତ ଧ୍ୱନି ହିଁ ଆମ ଭାଷାରେ ବ୍ୟବହାର ହେଉଥିବା ବର୍ଣ୍ଣ। ଧ୍ୱନିର ସ୍ୱରୂପ ରୂପକ ବର୍ଣ୍ଣ ଅଦୃଶ୍ୟ, ଅଥଚ ଶ୍ରାବ୍ୟ ଅର୍ଥାତ୍ ଶୁଣାଯାଇପାରେ। ଶ୍ରାବ୍ୟବର୍ଣ୍ଣ ଅକ୍ଷର ସଙ୍କେତ ରୂପେ ଲିଖିତ ରୂପରେ ଆମ ବର୍ଣ୍ଣମାଳାରେ ସ୍ଥାନିତ। ବ୍ୟଞ୍ଜନବର୍ଣ୍ଣ ସମୂହକୁ ଆମେ ବର୍ଗ୍ୟ ବର୍ଣ୍ଣ ଓ ଅବର୍ଗ୍ୟ ବର୍ଣ୍ଣ କ୍ରମରେ ବିଭକ୍ତ କରିଥାଉ। ବର୍ଗ୍ୟ ବର୍ଣ୍ଣଗୁଡ଼ିକ ପ୍ରଯତ୍ନ ବିଧି ଅନୁସାରେ ଚାରି ପ୍ରକାରର- ଅଘୋଷ, ସଘୋଷ ଏବଂ ଅଳ୍ପ ପ୍ରାଣ, ମହାପ୍ରାଣ। ବର୍ଗ୍ୟ ବର୍ଣ୍ଣ ଅନ୍ତର୍ଗତ ପାଞ୍ଚଟି ନାସିକ୍ୟ ବର୍ଣ୍ଣ ରହିଛି ଯଥା: ଙ, ଣ, ନ, ଞ ମ। ବର୍ଣ୍ଣ ପଦ୍ଧତି ଅନୁସାରେ ଅନ୍ୟ ବର୍ଣ୍ଣର ସାହାଯ୍ୟ ନ ନେଇ ଯେଉଁ ବର୍ଣ୍ଣ ଉଚ୍ଚାରିତ ହୁଏ ତାହା ସ୍ୱର ବର୍ଣ୍ଣ ଓ ଯେଉଁ ବର୍ଣ୍ଣ ସ୍ୱରବର୍ଣ୍ଣର ସାହାଯ୍ୟ ବିନା ଉଚ୍ଚାରିତ ହୋଇପାରେ ନାହିଁ ତାହା ବ୍ୟଞ୍ଜନ ବର୍ଣ୍ଣ। ସ୍ୱରବର୍ଣ୍ଣକୁ ଇଂରାଜୀରେ (Vowel) ଓ ବ୍ୟଞ୍ଜନ ବର୍ଣ୍ଣକୁ (Consonant) କୁହାଯାଏ। ଆମ ଭାଷାର ସମ୍ପଦ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ସଂଙ୍କଳିତ 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ' ପ୍ରଥମ ଖଣ୍ଡ ପୃଷ୍ଠା ୩୪୦ରେ କୁହାଯାଇଛି ଯେ- "ଅନୁସ୍ୱାର ହେଉଛି ସ୍ୱରବର୍ଣ୍ଣ ପରେ ଥିବା ମ ଅନୁନାସିକ ବିନ୍ଦୁ ଚିହ୍ନିତ ସ୍ୱର ଅଯୋଗବାହ ବର୍ଣ୍ଣ", ସେହିଭଳି ପୃଷ୍ଠା ୪୪୦ରେ କୁହାଯାଇଛି ଯେ, "ଯେଉଁ ବର୍ଣ୍ଣଗୁଡ଼ିକ ବ୍ୟଞ୍ଜନ ବର୍ଣ୍ଣମାନଙ୍କର ପାଞ୍ଚ ବର୍ଗର ଅନ୍ତର୍ଗତ ନୁହେଁ ସେଗୁଡ଼ିକ ଅବର୍ଗ୍ୟ।" ବର୍ଣ୍ଣ ଦ୍ୱାରା ଧ୍ୱନିଗୁଡ଼ିକ ବର୍ଣ୍ଣିତ ହୋଇଥାଏ। ବର୍ଣ୍ଣକୁ ଧ୍ୱନିର ଲିଖିତ ରୂପ କୁହାଯାଇପାରେ। ଧ୍ୱନିଗୁଡ଼ିକର ଲିଖିତ ରୂପ ବର୍ଣ୍ଣ। ତେଣୁ ବର୍ଣ୍ଣର ଅନ୍ୟ ନାମ ଅକ୍ଷର। ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭାଗବତରୁ ପଦେ ଉଦ୍ଧାର କରାଯାଉ।

'ବିନ୍ଦୁସାର ଏ ବୋଲାଇ। ସେ ବିନ୍ଦୁ ଯେବେ ଦୁଇ ହୋଇ।।
ବିସର୍ଗ ନାମ ଯେ ବୋଲାଇ। ଗଜ ଶୁଣ୍ଡା କୃତି ସେ ହୋଇ।।

ଆମ ବର୍ଣ୍ଣମାଳାର ଏକ ଅନାଲୋଚିତ ଅଥଚ ଅତି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଅବର୍ଗ୍ୟ ବର୍ଣ୍ଣ। ଆମ ବର୍ଣ୍ଣମାଳାର ବ୍ୟଞ୍ଜନ ବର୍ଣ୍ଣଗୁଡ଼ିକୁ ଆମେ ଦୁଇ ଭାଗରେ ବିଭକ୍ତ କରିଥାଉ-ବର୍ଗ୍ୟ ବର୍ଣ୍ଣ ଓ ଅବର୍ଗ୍ୟବର୍ଣ୍ଣ। ଆମେ କହିବା ଅନୁସାରେ, ଉଚ୍ଚାରଣ କରିବା ଅନୁସାରେ ବର୍ଗ୍ୟ ବର୍ଣ୍ଣଗୁଡ଼ିକ ପାଞ୍ଚ ପ୍ରକାରର। ଏହାକୁ ଆମେ ସଂକ୍ଷେପରେ କହ

ପ୍ରେମ

ମଧୁମିତାର ମନ ଆଜି ଚହଲି ଯାଉଥିଲା।ନିଜ ଉପରେ ନିୟନ୍ତ୍ରଣ ରହୁ ନଥିଲା ତା'ର। କାହିଁ ଆଗରୁ କେବେ ଏମିତି ଅନୁଭବ ତ ସଞ୍ଚରି ନଥିଲା ତା ମନ ଭିତରେ।

କଲେଜରେ ନୂଆ ନୂଆ ପାଦ ଦେଇଛି ଅନୁରାଧା। ଦେହ ଆଉ ମନରେ ନୂଆ ପର କଅଁଳି ଯାଇଛି ଏଇ କେତେଦିନ ହେବ। ନିଜର ପ୍ରତିବିମ୍ବ ଆଇନାରେ ଦେଖି ଉଲ୍ଲସି ଯାଉଛି ସେ। ଓଃ ସେ ଏବେ ଏଣୁତେଣୁ କ'ଣ ସବୁ ଭାବୁଛି ? କାହିଁକି ସେ ଏମିତି ଅଧିରା ହୋଇ ପଡୁଛି ମହେଶକୁ ଦେଖି। ମହେଶ ହ୍ୟାଣ୍ଡସମ, ସ୍ମାର୍ଟ ବି। ତାର ଗଢ଼ଣ ଆଉ ଭାବଭଙ୍ଗିରେ ସେ ମୁଗ୍ଧା। ହେଲେ ମହେଶ ତ ଏଯାଏ ସେମିତି କିଛି ଭାବ ପ୍ରଦର୍ଶନ କରିନି ତା' ପ୍ରତି। କେବଳ ପ୍ରଥମ ଦିନ କ୍ଲାସ ସାରି ଫେରିବା ବେଳେ ପଚାରିଥିଲା-'ତୁମ ନା' ତା'ହେଲେ ମଧୁମିତା ! ବାଃ ଭାରି ସୁନ୍ଦର।' ସରମୀ ଯାଇଥିଲା ସେ। ଅନୁଚ୍ଚ ସ୍ୱରରେ କହିଥିଲା- 'ହଁ'। ସୌମ୍ୟଦର୍ଶୀ ଯୁବକ ଜଣକ ନିଜ ଆଡୁ କହି ପକାଇଥିଲା-'ମୁଁ ମହେଶ, ମହେଶ ମିଶ୍ର। ପୁରୀରୁ ଆସିଛି। ତୁମ ଘର ?' 'ପଟ୍ଟାମୁଣ୍ଡାଇ'କହିଥିଲା ମଧୁମିତା । ଓଃ ଅନେକ ଦିନ ତଳେ ଗୋଟାଏ ନାଟକ ଦେଖିଥିଲି ତା' ନାଁ ଥିଲା 'ପୁରୀରୁ ପଟ୍ଟାମୁଣ୍ଡାଇ'। ଫେକ କରି ହସି ପକାଇଥିଲା ସେ। ମହେଶ ବି ହସିଥିଲା ତା' ସହ ତାଳ ଦେଇ।

ବୋଧହୁଏ ମହେଶ ପ୍ରତି ମଧୁମିତା ମନରେ ଦୁର୍ବଳତା ଅଙ୍କୁରିତ ହୋଇଥିଲା ସେହିଦିନଠାରୁ।

ଏହା ଭିତରେ ବିତିଗଲାଣି ଦୁଇ ବର୍ଷ। ପରୀକ୍ଷା ସରିଗଲାଣି। ଏବେ ହଷ୍ଟେଲ ଛାଡ଼ିବାର ବେଳ। ମହେଶକୁ ମନେ ମନେ ଖୋଜୁଥିଲା ମଧୁମିତା। ହେଲେ ମହେଶର ଦେଖାନାହିଁ କଲେଜ କ୍ୟାମ୍ପସରେ।

ବାପା ପହଞ୍ଚି ସାରିଥିଲେ ମଧୁମିତାକୁ ଘରକୁ ନେବା ପାଇଁ। ମଧୁମିତା ପାଖରେ ସମୟ କାହିଁ ମହେଶର ପ୍ରତୀକ୍ଷା ପାଇଁ। କାହିଁକି ବିକଳ ହେଉଛି ସେ ତା' ପାଇଁ ?

ଗାଁ'ରେ ପହଞ୍ଚି ସେ ତାର ସ୍କୁଲ ବେଳର ବାନ୍ଧବୀ ଅନୁରାଧା ପାଖରେ

କହିଗଲା ସବୁ କଥା। ପଚାରିଲା ଏମିତି କାହିଁକି ଅନୁଭବ ହେଉଛି ? ଅନୁରାଧା ମୁରୁକି ହସି କହିଲା-'ତୋତେ ପ୍ରେମ ହୋଇଯାଇଛି।'

ଚମକି ଉଠିଲା ମଧୁମିତା। ନା, ନା ପ୍ରେମ ନୁହେଁ। ଜମା ନୁହେଁ। ନିବିଡ଼ ବନ୍ଧୁତା ସେମାନଙ୍କ ମଧ୍ୟରେ। ପ୍ରେମରେ ପ୍ରତାରଣା ଥାଏ। ସୁଖଠୁ ଦୁଃଖ ବି ଅଧିକ ଆସିପାରେ। ସେ ପ୍ରେମ କରିପାରିବନି। ମହେଶର ଦୁର୍ବଳତା କେବେ ବି ଅନୁଭବ କରିନି ସେ। ପ୍ରେମ ପ୍ରେମ କିଛି ନୁହେଁ। ପ୍ରେମ କରୁଥିଲା ବୋଲି ତାଙ୍କ ଘର ପାଖ ବିଦୁଲତାକୁ କେତେ ଲାଂଛିତ ହେବାକୁ ପଡିଥିଲା। ଘରଠୁ ବାହାର ଲୋକଙ୍କ ଯାଏ କେତେ କେତେ ଭର୍ତ୍ସନା କରିଥିଲେ ତାକୁ। ପ୍ରେମକୁ ପବିତ୍ର କହି ଅପବିତ୍ର ସମ୍ପର୍କଟାଏ ଗଢ଼ି ଉଠିଥିଲା। ଯେଉଁଦିନ ବିଦୁଲତା ମା' ହେବାକୁ ଯାଉଛି ବୋଲି ସମୀର ଶୁଣିଦେଲା ସେବେଠାରୁ ଆଉ ତା'ର ପତ୍ତା ମିଳିଲା ନାହିଁ। ଅଳ୍ପ କେତେଦିନ ପରେ ବିଦେଶରୁ ଫେରି ଆସିଲେ ବିବାହ କରିବା ପାଇଁ ପ୍ରତିଶ୍ରୁତି ଦେଇ ସମୀର ଯାଇଛି ଯେ ଯାଇଛି। ବିଦୁଲତାର ପ୍ରତୀକ୍ଷାର ଅନ୍ତ ଘଟିଲା ଗାଁ' ମୁଣ୍ଡ ଆମ୍ବ ଗଛ ଡାଳରେ। ବେକରେ ଓଢଣୀ ଲଗାଇ ଓହଳି ପଡ଼ିବା ପରେ।

ବିରୁଡ଼ି ବସା

ସହରର ପଶ୍ଚିମ ଭାଗରେ ଏକ ବିରାଟକାୟ ଶାଳ ଗଛ।ଏହି ଗଛରେ ବିରୁଡ଼ି ମାନଙ୍କର ଅନେକ ବସା । ସମୟେ ସମୟେ କିଛି ବିରୁଡ଼ି ଉତ୍ପାତ କରନ୍ତି। ଲୋକମାନଙ୍କୁ ଆକ୍ରମଣ କରି ବିନ୍ଧି ପକାନ୍ତି। କେତୋଟି ବିରୁଡ଼ିଙ୍କ ଉତ୍ପାତ ପାଇଁ ପଥଚାରୀ ଅଥବା ଆଖପାଖରେ ବସବାସ କରୁଥିବା ଲୋକମାନଙ୍କୁ କଷ୍ଟ ହୁଏ। କେହି କେହି ରାଗ ଶୁଝାଇବା ପାଇଁ ବିରୁଡ଼ିଙ୍କ ଜୀବନ ବି ନିଅନ୍ତି। ହେଲେ ମଜା ଦେଖିବାକୁ ଅଥବା ନିରୀହମାନଙ୍କୁ ହରକତ କରିବାକୁ ବିରୁଡ଼ି ବସାକୁ କେଞ୍ଚିଦେବା ପାଇଁ ଢେଲା ପଥର ଫିଙ୍ଗନ୍ତି ତ କେବେ ଧୂଆଁ ଦିଅନ୍ତି। ଆରମ୍ଭ ହୁଏ ବିରୁଡ଼ିଙ୍କ ଉତ୍ପାତ।

ସେହିପରି ସହରର ଦକ୍ଷିଣ ପାଖରେ ଥିବା ପୁରୁଣା ବସ୍ତିର କିଛି ଅସାମାଜିକଙ୍କୁ ନିଜ ସ୍ୱାର୍ଥ ହାସଲ ପାଇଁ କେହି ଧୁର୍ତ୍ତ ଉସକାଇ ଦିଅନ୍ତି। ମୂର୍ଖ, ଅପରିଣାମଦର୍ଶୀ କିଛି ସ୍ୱାର୍ଥାନ୍ଧ ଯୁବକ ବାହାରିପଡ଼ନ୍ତି ବିଶୃଙ୍ଖଳା ସୃଷ୍ଟି କରିବାକୁ। ପଥର ଫିଙ୍ଗନ୍ତି, ନିଆଁ ଜଳାନ୍ତି, ଦଙ୍ଗା କରନ୍ତି। ନିରୀହମାନେ ବଳି ପଡ଼ନ୍ତି। ପୁଲିସ ଓ ପାରା ମିଲିଟାରୀ ଲୋଡ଼ା ପଡ଼ନ୍ତି।

ଦିନେ ଗଛରୁ ବିରୁଡ଼ି ମାନଙ୍କୁ ତଡ଼ିବାକୁ ଉଦ୍ୟମ ହୁଏ।ଡ୍ରୋନ ସାହାଯ୍ୟରେ ବସାଗୁଡିକରେ ଅଗ୍ନିସଂଯୋଗ ହୁଏ।

ଅସାମାଜିକ ତତ୍ତ୍ୱଙ୍କୁ ସାବାଡ଼ କରିବାକୁ ବୁଲଡୋଜର ବି ଚାଲେ।

ମଞ୍ଜୁରୀରୋଡ଼, ଭଦ୍ରକ,
ପିନ-୭୫୬୧୨୧
ମୋ-୯୯୩୭୯୭୦୩୪୫

ପ୍ରକାଶ ମହାପାତ୍ର

ମଲା ଡାଳ

ସକାଳୁ ଗାଁ ଗଣ୍ଡା ପରିବେଶ ଠିକ୍ ଥିଲା ବେଳେ ମିଶ୍ର ବାବୁଙ୍କ ଘରକୁ ଲାଗି ରାସ୍ତା କଡ଼ରେ ଥିବା ବଡ଼ ଚାକୁଣ୍ଡାର ଶୁଖିଲା ମଲା ଡାଳଟା ଭାଙ୍ଗି ତଳକୁ ଗଳି ପଡ଼ିଥିଲା। ଅବଶ୍ୟ ସେ ଡାଳଟି ଗଛରେ ଥିବା ସମୟରେ କାହାର କିଛି କ୍ଷତି କରୁ ନ ଥିଲା । ତାକୁ ସମସ୍ତେ ଦେଖି ଆଚମ୍ବିତ ହୋଇ ଯାଇଥିଲେ । ଯାହାକୁ ହାଣିବା ପାଇଁ ଆଗରୁ ଚେଷ୍ଟା କରିବା ପରେ ବି ଅସଫଳ ହେବାକୁ ପଡ଼ିଥିଲା।

ଗଛ ଲଗାଇଥିବା ମାଲିକର ପୁଅ ଆଖିରେ ଲୁହ ଗୁଡାକ ଆପେ ଆପେ ଆସିଯାଉଥିଲା। । ହେଲେ ସେ କାହାକୁ କିଛି ନକହି ଚୁପ୍ ହୋଇ ଠିଆ ଥିଲା । ତାର ଗୋଟେ ଦିନ ପୂର୍ବରୁ ସେଇ ବରଗଛର ଡାଳ ଗୁଡାକ ତା ବାପାଙ୍କ ନିଜ ରକ୍ତର ଭାଇ ଘର ଛାତ ଉପରକୁ ଲମ୍ବି ଯାଇଥିବାରୁ ସେମାନେ ଟଙ୍କା ଖର୍ଚ୍ଚ କରିବାକୁ ଲୋଭ କରି ସେ କାଠୁରିଆକୁ ଟଙ୍କା ଦେବା ବଦଳରେ ହାଣୁଥିବା କଞ୍ଚା ଡାଳ କାଠ ନେଇଯିବାକୁ ଚୁକ୍ତି କରିଥିଲେ ।

ଗଛ ଲଗାଇଥିବା ମାଲିକ ଯିଏ କି ବଡ଼ପୁଅ ହେବ ଆଉ ସେ ଦୁନିଆରେ ନାହାଁନ୍ତି ହେଲେ ନିଜ ହାତରେ ଲଗାଇଥିବା ଗଛ ଗୁଡ଼ିକୁ ପୁଅଝିଅ ଭଳି ଭଲ ପାଉଥିଲେ । ଲଗାଇଥିବା ଗଛରୁ କିଏ ଖଣ୍ଡେ କାଠ ହାଣି ନେଇଗଲେ ଆତ୍ମା ତାଙ୍କର କାନ୍ଦି ଉଠୁଥିଲା । ସଂସାର ଛାଡ଼ି ଚାଲି ଯିବା ଆଗରୁ ଗଛ ମାନଙ୍କର ସୁରକ୍ଷା ରକ୍ଷଣା ବେକ୍ଷଣ କରିବାକୁ ବୁଝାଇ କହିଥିଲେ।

ସମୟ ପରିସ୍ଥିତିକୁ ଆଖି ଆଗରେ ରଖି ସେ ନିଜେ କିଣିଥିବା ଜାଗାରେ ଘର କରି ରହିବାର କିଛି ବର୍ଷ ବିତି ଯିବା ପରେ ଭାଇର ଜୀବନରେ ଘଟଣା ଘଟିଥିବା ଦୁର୍ଘଟଣାକୁ ହୃଦୟଙ୍ଗମ କରି ସମସ୍ତେ ଏକାଠି ରହିବାକୁ ଅସୁବିଧା ହେବ ଜାଣି ପାଖରେ ରହିବାକୁ ଡାକି ମାନବିକତାର ପରିଚୟ ଦେଖାଇଥିଲେ। ବିଧିର ବିଧାନ ଆଗରେ ଅସହାୟ ପାଲଟି ଯାଇ ଦୁରାରୋଗ୍ୟରେ ପୀଡ଼ିତ ହୋଇ ସେ ବିଦାୟ ନେଇଥିଲେ । ସେଇଦିନ ଠାରୁ ସାଙ୍ଗରେ ରହି ଆସୁଥିବା ଭାଇ ନିଜ ଇଚ୍ଛାରେ ବଞ୍ଚିବା ଆରମ୍ଭ କରି ଦେଇଥିଲେ । ଦୀର୍ଘଦିନ ଧରି ଘର ପରିବେଶରେ ଶୋଭା ପାଇ ଖୁସି ବାଣ୍ଟୁଥିବା ଚାକୁଣ୍ଡା ଗଛ ସ୍ୱାର୍ଥରେ ଆଞ୍ଚ ଆସିବାରୁ ସେମାନେ ଗଛର କଞ୍ଚା ଡାଳକୁ ନଣ୍ଡା କରି ହାଣିବାକୁ ପଛେଇ ନ ଥିଲେ । ସେ ଗଛକୁ ହାଣିବା ପୂର୍ବରୁ ଦୁନିଆରୁ ଚାଲି ଯାଇଥିବା ବଡ଼ ଭାଇର ପୁଅଝିଅଙ୍କୁ ପଚାରିବାକୁ ମଧ୍ୟ କୁଣ୍ଠାବୋଧ ପ୍ରକାଶ କରିଥିଲେ।

ଅଣ୍ଡିଆ, ଜେନାପୁର, ଯାଜପୁର
ପିନ୍ - ୭୫୫୦୨୩
ମୋ ୯୧୭୮୩୧୩୬୪୪

ସତ୍ୟନାରାୟଣ ପ୍ରଧାନ

ପୁଅ ବାପାଙ୍କର ଚାଲିଯିବା ପରେ ସମ୍ପର୍କୀୟ ଲୋକ ଏପରି ବଦଳି ଯିବେ ବୋଲି କେବେ ସେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନ ଥିଲା । ମାଗଣାରେ ପାନୀୟ ଜଳ ଠାରୁ ଆରମ୍ଭ କରି ଗାଡି ମଟର ବ୍ୟବହାର କରିବାରେ କେବେ ପଛଘୁଞ୍ଚା ଦେଇ ନ ଥିବା ଲୋକ ଗୁଡା କେମିତି ବଦଳି ଯାଇ ପାରନ୍ତି । ଘର ଭିତରୁ ପଡ଼ିଥିବା ମଲା ଡାଳକୁ ଦେଖି ସେମାନେ ଜାଳ କରିବା ପାଇଁ ଚିନ୍ତା ଦୂର ହୋଇଗଲା କଥାବାର୍ତ୍ତା ହେଉଥିଲେ। ପୁଅ ତାର ଆଖିରୁ ବହି ଯାଉଥିବା ଲୁହକୁ ପୋଛି ପଡିଥିବା ମଲା ଡାଳ ଭିତରୁ ସତେ ଯେପରି ତା ବାପା ଦୁଃଖ ପ୍ରକାଶ କରି ଗୁମୁରି କାନ୍ଦୁଛନ୍ତି ହୃଦୟଙ୍ଗମ କରି ବର୍ତ୍ତମାନ ସମାଜରେ ଏପରି କାମ କରି କି ଲାଭ ପାଉଛନ୍ତି ଭାବନା ରାଜ୍ୟକୁ ତାର ଚାଲି ଆସୁଥିଲା।।

ରାମ ନାମ

ତ୍ରେତୟା ଯୁଗରେ ରାମ ରାବଣ ଯୁଦ୍ଧ ସମୟର କଥା। ଲଙ୍କେଶ୍ୱର ରାବଣ ଆଦେଶ ଜାରି କଲେ - ଲଙ୍କାରେ ରାମ ନାମ ନିଷେଧ କରାଗଲା । ଯଦି କେହି ରାମ ନାମ ଜପନ୍ତି ତାହେଲେ ତାଙ୍କୁ ମୃତ୍ୟୁ ଦଣ୍ଡ ଦିଆଯିବ। ଆଦେଶକୁ ଯେପରି କେହି ଉଲଙ୍ଘନ ନକରନ୍ତି, ତାହା ତଦାରଖ କରିବା ପାଇଁ ଗୁପ୍ତଚର ନିୟୋଜିତ ହେଲେ।

ରାବଣଙ୍କର ଭାଇ ବିଭୀଷଣ ରାମଙ୍କର ପରମ ଭକ୍ତ ଥିଲେ। ତାଙ୍କର ବାସସ୍ଥାନ ସମ୍ମୁଖରେ ତୁଳସୀ ଚଉରା, କାନ୍ଥରେ ସ୍ୱସ୍ତିକ ଓ ଶଙ୍ଖ ଚିହ୍ନ ଶୋଭା ପାଉଥିଲା। ସେ ନିରନ୍ତର ରାମ ନାମ ଜପ କରୁଥିଲେ।

ସେଦିନ ବିଭୀଷଣ ସ୍ନାନାନ୍ତେ ରାମ ନାମ ଜପ କରି ପୂଜା କରୁଥିଲେ। ଜଣେ ଗୁପ୍ତଚର ସେହି ବାଟ ଦେଇ ଯାଉଥିଲା। ତାଙ୍କ କାନରେ ରାମ ନାମ ବାଜିବାରୁ ସେ ଆଶ୍ଚର୍ଯ୍ୟ ହେଲା। ରାମ ନାମ ରାଜାଦେଶ ଅନୁଯାୟୀ ନିଷିଦ୍ଧ ହୋଇଥିବା ସ୍ଥଳେ କିଏ ସେ ବ୍ୟକ୍ତି ଯେ ମୃତ୍ୟୁ ଦଣ୍ଡକୁ ଖାତିର ନକରି ରାମ ନାମ ଜପ କରୁଛି। ତଟସ୍ଥ ହୋଇ ସେ ଛିଡ଼ା ହୋଇ ରହିଲା। କିଛି ସମୟ ପରେ ସେ ସ୍ଥିର ନିଶ୍ଚିତ ହେଲା ଯେ ରାମ ନାମ ବିଭୀଷଣଙ୍କ ବାସଭବନରୁ ଆସୁଚି। ତତକ୍ଷଣାତ୍ ଗୁପ୍ତଚର ରାଜାଙ୍କୁ ସବୁକଥା ଜଣାଇଲା।

ରାଜାଦେଶ ଅନୁଯାୟୀ ସୈନିକ ମାନେ ବିଭୀଷଣକୁ ବାନ୍ଧି ନେଇ ରାଜସଭାରେ ହାଜର କରାଇଲେ।

ରାବଣ ବିଭୀଷଣକୁ ପଚାରିଲେ - ତମେ ରାମ ନାମ ଜପ କରୁ ଥିଲ କି। ବିଭୀଷଣ କହିଲେ - ହଁ। ରାବଣ କ୍ରୋଧିତ ହୋଇ ଆଦେଶ ଦେଲେ - ନିଷିଦ୍ଧ ନାମ ଉଚ୍ଚାରଣ କରିଥିବାରୁ ତମକୁ ମୃତ୍ୟୁଦଣ୍ଡ ଦିଆଗଲା। ବିଭୀଷଣ ବିନମ୍ର ଭାବେ କହିଲେ - ହେଲେ କାହିଁକି ରାମ ନାମ ଜପ କରୁଥିଲି ସେ କଥା ତ ପଚାରିଲେ ନାହିଁ। ରାବଣ ଉତ୍ସୁକତା ବଶତଃ ପଚାରିଲେ - କାହିଁକି। ବିଭୀଷଣ କହିଲେ - ଆପଣ ଲଙ୍କାର ଅଧୀଶ୍ୱର। ମୋର ବଡ ଭାଇ। କେବଳ ସେତିକି ନୁହନ୍ତି, ଆପଣ ମୋ ପାଇଁ ସାକ୍ଷାତ ଭଗବାନ। ଭାଉଜ ମନ୍ଦୋଦରୀ ମୋ ପାଇଁ କୌଣସି ଦେବୀଠୁଁ କମ୍ ନୁହନ୍ତି। ଆପଣଙ୍କ ନାମର ପ୍ରଥମ ଅକ୍ଷର 'ରା'। ଭାଉଜଙ୍କ ନାମର ପ୍ରଥମ ଅକ୍ଷର 'ମ'। ମିଶାଇ ଦେଲେ - ରାମ। ସବୁବେଳେ ମୁଁ ଆପଣ ତଥା ଭାଉଜଙ୍କ ନାମ ଜପ କରୁଛି। ସେଇଟା କଣ ମୋର ଅପରାଧ। ସ୍ତବ୍ଧ ହୋଇ କିଛି ସମୟ ବସି ରହିଲା ରାବଣ। ଭାବିଲା ମୁଁ କେତେବଡ ଭୁଲ କରିବାକୁ ଯାଉଥିଲି। ମୋତେ ଏତେ ଭଲ ପାଉଥିବା, ଭକ୍ତି କରୁଥିବା ବିଶ୍ୱସ୍ତ ଭାଇକୁ ମୁଁ ମୃତ୍ୟୁ ଦଣ୍ଡ ଦେବାକୁ ଯାଉଥିଲି। ତାପରେ ସେ ସିଂହାସନରୁ ଓହ୍ଲାଇ ଆସି ବିଭୀଷଣଙ୍କୁ ନିବିଡ଼ ଆଲିଙ୍ଗନ କରି କହିଲେ - ମୋ ଭାଇ ଭଳି ଭାଇ ଜଗତେ ନାହିଁ !

ବାହାରକୁ ଆସି ସ୍ୱସ୍ତିର ନିଃଶ୍ୱାସ ମାରିଲେ ବିଭୀଷଣ। ଯାହାହେଉ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କୌଣସି ପ୍ରକାରେ ଆଜି ମୃତ୍ୟୁ ମୁହଁରୁ ବର୍ତ୍ତି ଗଲି। ତାପରେ ଶ୍ରୀରାମଙ୍କ ଉଦ୍ଦେଶ୍ୟରେ ପ୍ରଣିପାତ କରି କହିଲେ - ହେ ପ୍ରଭୁ ଆପଣଙ୍କ ପାଦ ପଦ୍ମରେ ମୋତେ ଶରଣ ଦିଅନ୍ତୁ !!!

ସନ୍ତୋଷ ମିଶ୍ର

ଅବସରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ
ଉଦଳା, ମୟୂରଭଞ୍ଜ
ମୋ -୭୦୦୮୨୩୭୬୫୦

ସମର୍ପଣ

ଅତୁଟ ବିଶ୍ୱାସ ଥିଲା ତାର ସାଇବାବାଙ୍କ ଉପରେ। ଖୁବ ଠାକୁର ବିଶ୍ୱାସୀ ଥିଲା ସେ। ହେଲେ କଣ ସବୁ ହୋଇଗଲା ସତରେ ।

ଆଖି ପିଛୁଳାକେ ଦମକାଏ ପବନ ଆସି ସବୁ ଛାରଖାର କରିଦେଲା । କାଳର କରାଳ ଗତି ଆଗରେ କେତେ ନିଃସହାୟ ଏଇ ମଣିଷ ସତରେ । ସମସ୍ତେ କହୁଥିଲେ ଏତେ ବଡ ଦୁର୍ଘଟଣାରୁ ସେ କଣ ଆଉ ବଂଚିଥିବ । କିନ୍ତୁ କାନ୍ଦୁଥିବା ଛୋଟ ପୁଅକୁ ବୁଝେଇବାକୁ ଯାଇ ସେ କହୁଥିଲା ' ବାପା କାଲି ଆସିବେ । ଆମେ ପୁଣି ବୁଲିବାକୁ ଯିବା ।'ପଡିଶା ଘର ଲୋକମାନେ କହୁଥିଲେ, ' ଏତେ ବଡ ଦୁଃଖକୁ ବରଦାସ୍ତ କରି ନ ପାରି ଏମିତି ରିଆକ୍ଟ କରୁଛି । 'ପାଗଳି ହୋଇଯିବ ବିଚାରୀ ।'

ମୋତି ମାଉସୀ ପଚାରୁଥିଲେ, 'ସମସ୍ତେ ଏକାଠି ବସିଥିଲ ଗୋଟିଏ ବଗିରେ... ସେ କୁଆଡେ ଗଲା ଜାଣି ପାରିଲୁନି କେମିତି ।'

'ବହୁତ ଜୋରରେ ଅନ୍ଧାର ହୋଇଯାଇଥିଲା । ହଠାତ ଖୁବ ଜୋରରେ ଶବ୍ଦ ହେଲା । ପାଖ୍ୱାର କଟ ହୋଇଗଲା । କମପାର୍ଟମେଣ୍ଟର ସବୁ ଜିନିଷ ଧଡ଼ ଧଡ଼ ହୋଇ ତଳକୁ ପଡ଼ିବାକୁ ଲାଗିଲା... ମୁଁ ଜୟ ସାଇରାମ କହି ଚିତ୍କାର କଲି...ଆଉ ଆମେ କିଛି ଭାବିବା ପୂର୍ବରୁ ସେ ଲୌହ ଦାନବ ଆମକୁ ଗ୍ରାସ କରି ସାରିଥିଲା '। ଉତ୍ତରରେ କହୁଥିଲା ମାନସୀ।

ତାପରେ କଣ କେମିତି ହେଲା କିଛି ଜାଣିନି ମୁଁ ମାଉସୀ । ଚେତା ଆସିଲା ବେଳକୁ ମୁଁ ହସ୍ପିଟାଲରେ ଆଉ ମୋ ପୁଅ ମୋ ପାଖରେ ।

ଚିତ୍କାର କଲି ମୁଁ.. ମୋ ସ୍ୱାମୀ.... ମୋ ସ୍ୱାମୀ କୁଆଡେ ଗଲେ ।

ନର୍ସ ମୋ ପାଖକୁ ଆସି କହିଲେ, ସେ ଆରପଟ ୱାର୍ଡରେ ଚିକିତ୍ସିତ ହେଉଛନ୍ତି ।

ନର୍ସଙ୍କ କଥା ମାନି ଆଉ କିଛି ନ କହି ମୁଁ ପୁଣି ଶୋଇପଡିଲି ।

ମୁଣ୍ଡଟା ବହୁତ ଯନ୍ତ୍ରଣା ହେଉଥିଲା । ମେଡ଼ିସିନର ପ୍ରଭାବରୁ ଆଖି ଆପେ ଆପେ ବନ୍ଦ ହୋଇଯାଉଥିଲା। କିଛି ସମୟପରେ ମୋ ବାପା ଆଉ ମାନସ ଭାଇ ପହଁଚିଲେ । ଆଉ ମୋତେ ଓ ପୁଅକୁ ହସ୍ପିଟାଲରୁ ଡିସଚାର୍ଜ କରେଇ ନେଇଆସିଲେ । ବାରମ୍ବାର କହିଲି ମୋତେ ଟିକେ ଯାଙ୍କ ସହ ଦେଖା କରେଇଦେବାକୁ । କେହି ଶୁଣିଲେନି ମୋ କଥା ମାଉସୀ.. ଆଉ ଏଠି ପହଞ୍ଚିଲା ପରେ କହୁଛନ୍ତି ସେ ଆଉ ନାହାନ୍ତି.... ଏହା କହୁ କହୁ ରାହା ଧରି କାନ୍ଦିବାକୁ ଲାଗିଲା ମାନସୀ । ସେ ମୋତେ ଛାଡିକି ଯାଇପାରିବେନି... ସାତ ଜନ୍ମର ସାଥି ହେବାକୁ କଥା ଦେଇ ମୋତେ ଅଭାଗିନୀର ମୁକୁଟ ପିନ୍ଧେଇ ଯାଇପାରିବେନି

ସେ । କାନ୍ଦି କାନ୍ଦି ଅଚେତ ହୋଇଯାଇଥିଲା ସେ । ତା କୁନି ପୁଅଟି ଅବୁଝା ଆଖିରେ ଚାହୁଁ ଥିଲା ମା'ର ଅଚେତ ଚେହେରାକୁ । କୋଳକୁ ଟେକି ନେଲେ ତାକୁ ମୋତି ମାଉସୀ । ଯିଏ ଯେତେ ବୁଝେଇଲେ ବି ବୁଝୁ ନ ଥିଲା ମାନସୀର ମନ । ବାରମ୍ବାର ପୁଅକୁ ପ୍ରବୋଧନା ଦେବାକୁ ଯାଇ କହୁଥିଲା, 'କାନ୍ଦେନାରେ ଧନ, ବାପା କାଲି ଆସିବେ । ସେ ଲୌହ ଦାନବ ବାପାଙ୍କର କିଛି କ୍ଷତି କରିପାରିବନି । ଆମ ବାପା ପରା ସୁପର ହିରୋ ।'ଘରେ ସବୁଦିନେ ବନ୍ଧୁବାନ୍ଧବଙ୍କ ଭିଡ ଲାଗିରହୁଥିଲା । ସମବେଦନା ଜଣେଇବାକୁ ସମସ୍ତେ ଆସୁଥିଲେ । ସମସ୍ତଙ୍କ ମୁହଁରେ ସେଇ ଗୋଟିଏ କଥା । ରାଜୀବ ଭଳି ଏତେ ନମ୍ର, ପରୋପକାରୀ, ଦୟାଳୁ ପିଲା ଅବେଳରେ ଚାଲିଗଲା । କେନ୍ଦ୍ର ସରକାରଙ୍କ ତରଫରୁ ସହାୟତା ରାଶି ପାଇବାକୁ ମାନସୀକୁ ଯିବାକୁ ପଡିବ । କିନ୍ତୁ ମାନସୀ ଯିବାକୁ ନାରାଜ । ତାର ପୂର୍ଣ୍ଣ ବିଶ୍ୱାସ ତା ସ୍ୱାମୀ ବଞ୍ଚିଛନ୍ତି । ତା ଭାଇ ମାନସ ସବୁ ହସ୍ପିଟାଲ ବୁଲି ବୁଲି ଭିଣୋଇଙ୍କ ସନ୍ଧାନ ନେଉଛି । ସବୁଠି ସେଇ ଗୋଟିଏ ଉତ୍ତର....ସେ ଦେଖାଉଥିବା ଫଟୋରେ ଥିବା କୌଣସି ବ୍ୟକ୍ତିଙ୍କର ସନ୍ଧାନ ମିଳିନାହିଁ ।

ଦୁର୍ଘଟଣା ସ୍ଥାନକୁ ଯାଇ ବାରମ୍ବାର ଖୋଜୁଛି ସେ । କାଳେ କୋଉଠି ପଡିଥିବ ତାଙ୍କ ଶରୀର ।

ବହୁତ ଖୋଜା ଖୋଜି ପରେ ପାଖରେ ଥିବା ଗୋଟିଏ ପରିତ୍ୟକ୍ତ କୂଅରୁ ଗୋଟିଏ ଗଳିତ ଶବ ମିଳିଥିବାର ସୂଚନା ପାଇ ଦୌଡ଼ି ଯାଇଥିଲା ସେ । ପଙ୍କ କାଦୁଅରେ ବୁଡି ଯାଇଥିବାରୁ କିଛି ଜାଣି ହେଉନଥିଲା ପରିଚୟ । ପାଣି ଢାଳି ସଫା କରି ଦିଆଗଲା ଶବର ମୁହଁକୁ ଆଉ ଚିହ୍ନଟ ପାଇଁ ଡକା ଗଲା ମାନସୀର ଭାଇକୁ । ମୁହଁ ଦେଖି ମାନସିର ଭାଇ ମନା କରିଦେଲା ସେ ନୁହେଁ ତା ଭିଣୋଇ । ଚାହୁଁ ଚାହୁଁ ପାଞ୍ଚ ଦିନ ହୋଇଗଲା । କିଛି ସନ୍ଧାନ ମିଳିଲାନି ରାଜୀବର । କିଏ କିଡନାପ କରିନେଲା କି ତାକୁ। କୌଣସି ଖବର ନାହିଁ..... ପୁଅକୁ କୋଳରେ ଧରି ସ୍ତନ୍ୟ ପାନ କରାଉ କରାଉ ତା ଉଲୁରା ବାଳରେ ଆଙ୍ଗୁଠି ଚାଳନା କରି କରି କହୁଥିଲା ମାନସୀ.... 'ତୋ ବାପା କାଲି ଆସିବେରେ ଧନ । '

କିନ୍ତୁ କିଏ ଜାଣିଥିଲା ସେଇ କାଲି... କାଳିରେ ହିଁ ରହିଯିବ । ବାପା ସୀତାକାନ୍ତ ବାବୁ ଓ ଭାଇ ମାନସ ଚାଟିଆଡେ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି । ସବୁଦିନେ ଘରକୁ ଫେରିଲା ବେଳେ ଲୁହଭରା ଆଖିରେ ଚାହିଁ ପଚାରୁଛି ମାନସୀ... କିନ୍ତୁ ସେଇ ଗୋଟିଏ ଉତ୍ତର...'ନା ' ।

କୁଆଡେ ଚାଲିଗଲ ତୁମେ... କେତେ ଖୁସିରେ ଗପସପ କରି ଆସୁଥିଲେ ଆମେ... ହଠାତ ଭୟଙ୍କର ଶବ୍ଦ ଶୁଣି ତୁମେ ମୋ ହାତକୁ ଜାବୁଡି ଧରି କହିଲ...ମୋ ହାତକୁ ଖୁବ ଜୋରରେ ଧରିଥାଅ ଆଉ ପୁଅକୁ କୋଳରେ ଧରିଥାଅ । କିନ୍ତୁ କଣ କଲା ସେ ଲୌହ ଦାନବ.....ହଠାତ କୁଆଡେ ଛିଣ୍ଡେଇ ନେଇ ଚାଲିଗଲା ଆମର ଶକ୍ତବନ୍ଧନକୁ। ସବୁଦିନେ ସାଇବାବାଙ୍କ ମନ୍ଦିରରେ ବସି ଲୁହ ଢାଳୁଛି ମାନସୀ । କେତେ ନେହୁରା ହୋଇ ବାବାଙ୍କୁ ଗୁହାରି କରୁଛି ତାଆ ସ୍ୱାମୀକୁ ଫେରାଇ ଆଣିବା ପାଇଁ । କିନ୍ତୁ ସବୁଠି ଖାଲି ନି

ଆଇସିସି ଟେଷ୍ଟ ରାଙ୍କିଂ

ବ୍ୟାଟିଂରେ ଖସିଲେ ଜୈସ୍ୱାଲ୍, ବୋଲିଂରେ ଟପ୍‌ରେ ବୁମ୍‌ରା

ଦୁବାଇ

ପ୍ରକାଶ ପାଇଲା ଆଇସିସି ଟେଷ୍ଟର ବ୍ୟାଟିଂ ଓ ବୋଲିଂ ରାଙ୍କିଂ। ଏହି ତାଲିକାରେ ଭାରତୀୟ ଖେଳାଳିଙ୍କ ଅବନତି ହୋଇଛି। ଗତ ସପ୍ତାହରେ ଭାରତୀୟ ଦଳର କୌଣସି ମ୍ୟାଚ୍ ନଥିବାରୁ ଏଭଳି ଅବନତି ଦେଖିବାକୁ ମିଳିଛି।

ପୂର୍ବ ସପ୍ତାହରେ ବ୍ୟାଟିଂ ମାନ୍ୟତା ତାଲିକାର ୨ୟ ସ୍ଥାନରେ ରହିଥିବା ଯଶସ୍ୱୀ ଜୈସ୍ୱାଲ୍ ଚତୁର୍ଥକୁ ଖସିଛନ୍ତି। ତାଙ୍କ ସ୍ଥାନ ମାଡ଼ି ବସିଛନ୍ତି ଇଂଲଣ୍ଡର ହ୍ୟାରୀ ବ୍ରୁକ୍। ସେ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ୧୭୧ ରନ୍‌ର ଇନିଂସ ଖେଳିଥିଲେ। ଏହି ଶତକ ତାଙ୍କୁ ମାନ୍ୟତା ତାଲିକାର ୨ୟ ସ୍ଥାନରେ ପହଞ୍ଚାଇ ଦେଇଥିଲା। ତାଲିକାର ପ୍ରଥମ ସ୍ଥାନରେ ରହିଛନ୍ତି ଇଂଲଣ୍ଡ ବ୍ୟାଟର ଜୋ ରୁଟ୍। ଜୋ ରୁଟ୍ ଉକ୍ତ ଟେଷ୍ଟରେ ଯଥାକ୍ରମେ ୦ ଓ ୨୩ ରନ୍ ସଂଗ୍ରହ କରିଥିଲେ। ତଥାପି ତାଙ୍କ ମାନ୍ୟତା ପ୍ରଭାବିତ ହୋଇନଥିଲା। ସେ ପୂର୍ବପରି ଶୀର୍ଷ ସ୍ଥାନ ବଜାୟ ରଖିବାରେ ସଫଳ ହୋଇଥିଲେ। ଏବେ ରୁଟ୍ ଓ ବ୍ରୁକ୍‌ଙ୍କ ମଧ୍ୟରେ ୪୧ ପଏଣ୍ଟର ବ୍ୟବଧାନ ରହିଛି । ରୁଟ୍ ୮୯୫ ଓ ବ୍ରୁକ୍ ୮୫୪ ପଏଣ୍ଟ ଅର୍ଜନ କରିଛନ୍ତି । ନ୍ୟୁଜିଲାଣ୍ଡର କେନ ୱିଲିୟମସନ ତୃତୀୟ ସ୍ଥାନ ବଜାୟ ରଖିଛନ୍ତି। ସେ ପ୍ରଥମ ଟେଷ୍ଟର ଉଭୟ ଇନିଂସରେ ଯଥାକ୍ରମେ ୯୩ ଓ ୬୧ ରନ୍‌ର ଇନିଂସ ଖେଳିଥିଲେ। ଜୈସ୍ୱାଲଙ୍କ ବ୍ୟତୀତ ଅନ୍ୟ ଭାରତୀୟ ଭାବେ ରିଷଭ ପନ୍ତ ଶ୍ରେଷ୍ଠ ୧୦ ମଧ୍ୟରେ ସ୍ଥାନ ବଜାୟ ରଖିଛନ୍ତି। ସେ ଷଷ୍ଠ ସ୍ଥାନ ବଜାୟ ରଖିଛନ୍ତି।

ସେହିପରି ପର୍ଥ ଟେଷ୍ଟରେ ଶତକ ସତ୍ତ୍ୱେ ବିରାଟ କୋହଲିଙ୍କ ମାନ୍ୟତାରେ ଗୋଟିଏ ସ୍ଥାନ ଅବନତି ହୋଇଛି ଓ ସେ ୧୪ତମ ସ୍ଥାନରେ ପହଞ୍ଚିଛନ୍ତି । ଅନ୍ୟ ଭାରତୀୟଙ୍କ ମଧ୍ୟରେ ଶୁଭମନ ଗିଲ୍ ୧୮ ଓ ରୋହିତ ଶର୍ମା ୨୬ ତମ ସ୍ଥାନରେ ରହିଛନ୍ତି ।

ଅନ୍ୟପଟେ ବୋଲିଂ ବିଭାଗରେ ଭାରତୀୟଙ୍କ ଆଧିପତ୍ୟ ବଜାୟ ରହିଛି। ଯଶପ୍ରୀତ ବୁମ୍‌ରା ଶୀର୍ଷ ସ୍ଥାନ ବଜାୟ ରଖିଥିବା ବେଳେ ରବଚନ୍ଦ୍ରନ ଅଶ୍ୱିନ ଚତୁର୍ଥ ଓ ରବିନ୍ଦ୍ର ଜାଡେଜା ଷଷ୍ଠ ସ୍ଥାନରେ ରହିଛନ୍ତି। ବାକି ଟପ୍-୧୦ ଅଲରାଉଣ୍ଡର ରାଙ୍କିରେ ଶୀର୍ଷରେ ରହିଛନ୍ତି ରବିନ୍ଦ୍ର ଜାଡେଜା। ୪୨୩ ପଏଣ୍ଟ ସହ ତାଲିକାରେ ଶୀର୍ଷରେ ରହିଥିବା ବେଳେ ମାର୍କ ୟାନସେନ୍ ୨୯୧ ପଏଣ୍ଟ ସହ ୨ୟ ସ୍ଥାନରେ ରହିଛନ୍ତି। ବାକି ରବିଚନ୍ଦ୍ରନ ଅଶ୍ୱିନୀ ୨୯୦ ପଏଣ୍ଟ ସହ ତୃତୀୟ ସ୍ଥାନ, ସାକିବ ଅଲ୍ ହାସନ ୨୬୯ ପଏଣ୍ଟ ସହ ୪ର୍ଥ ସ୍ଥାନ, ମେହେଦୀ ହସନ ୨୬୯ ପଏମ୍ଟ ସହ ୫ମ ସ୍ଥାନ, ଜାସନ ହୋଲଡର, ୬ଷ୍ଠ ସ୍ଥାନ, ଜୋ ରୁଟ୍ ୭ମ ସ୍ଥାନ, ଅକ୍ଷର ପଟେଲ ୮ମ ସ୍ଥାନ, ପାଟ୍ କମିନ୍ସ ୯ମ ସ୍ଥାନ, କ୍ରିସ୍ ୱକ୍ସ ୧୦ମ ସ୍ଥାନରେ ରହିଛନ୍ତି।

ଆଜିଠୁ ଦ୍ୱିତୀୟ ଟେଷ୍ଟ : ଓପନିଂ କରିବେ କେଏଲ ରାହୁଲ ଓ ଯଶସ୍ୱୀ ଜୈସ୍ୱାଲ

ନୂଆଦିଲ୍ଲୀ

ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଶୁକ୍ରବାର ଠାରୁ ଆଡିଲେଡ୍‌ରେ ଖେଳାଯିବ। ଯଶପ୍ରୀତ୍ ବୁମ୍‌ରାଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ପର୍ଥରେ ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆକୁ ୨୯୫ ରନ୍‌ରେ ହରାଇଥିବା ବେଳେ ଦ୍ୱିତୀୟ ଟେଷ୍ଟ ପାଇଁ ଦଳକୁ ଫେରିଛନ୍ତି ଅଧିନାୟକ ରୋହିତ ଶର୍ମା। ସେ ଦଳକୁ ଫେରିବା ପରେ କେଏଲ ରାହୁଲ କେତେ ନମ୍ବରରେ ଖେଳିବେ, ତାକୁ ନେଇ ଆରମ୍ଭ ହୋଇଯାଇଥିଲା ଚର୍ଚ୍ଚା। ତେବେ ଏସବୁ ଚର୍ଚ୍ଚା ଉପରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଅଧିନାୟକ ରୋହିତ ଶର୍ମା।

ଆଡିଲେଡ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରୋହିତ ଶର୍ମା କହିଛନ୍ତି ଯେ କେଏଲ ରାହୁଲ ଓ ଯଶସ୍ୱୀ ଜୈସ୍ୱାଲ ଓପନିଂ କରିବେ। ସେ ମିଡିଲ୍ ଅର୍ଡରରେ କୌଣସି ସ୍ଥାନରେ ବ୍ୟାଟିଂ କରିବାକୁ ଆସିବେ। ଏହା ତାଙ୍କ ପାଇଁ ସହଜ ହେବ ନାହିଁ। କିନ୍ତୁ ଏହା ଦଳ ପାଇଁ ଭଲ ହେବ।

ରୋହିତ କହିଛନ୍ତି, ମୁଁ କେଏଲ ରାହୁଲଙ୍କ ଖେଳ (ପ୍ରଥମ ଟେଷ୍ଟରେ) ଦେଖିଛି। ସେ ବଢ଼ିଆ ଖେଳିଥିଲେ। ତେଣୁ ମୁଁ ଅନୁଭବ କଲି ଯେ ବର୍ତ୍ତମାନ ପାଇଁ କୌଣସି ପରିବର୍ତ୍ତନ ଆବଶ୍ୟକ ନାହିଁ। ଭବିଷ୍ୟତରେ କଥା ଅଲଗା ହୋଇପାରେ। ଆମେ ଫଳାଫଳ ଚାହୁଁ। ଆମେ ସଫଳତା ଚାହୁଁ। ଆଉ ସେ ଦୁଇ ଜଣ (ଯଶସ୍ୱୀ ଜୈସ୍ୱାଲ ଓ କେଏଲ ରାହୁଲ) ଗତ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିଛନ୍ତି। କେଏଲ ରାହୁଲ ଯାହା କରି ଦେଖାଇଛନ୍ତି, ସେଥିପାଇଁ ସେ ବର୍ତ୍ତମାନ ସେହି ସ୍ଥାନରେ ଖେଳିବାକୁ ହକ୍‌ଦାର। ଏଥିଯୋଗୁଁ ପ୍ରଥମ ଟେଷ୍ଟରେ ଆମକୁ ସଫଳତା ମିଳିଥିଲା। ସେମାନଙ୍କ ମଧ୍ୟରେ ଏକ ବଡ଼ ପାର୍ଟନରସିପ ହୋଇଥିଲା, ଯାହା ଆମକୁ ମ୍ୟାଚ୍ ଜିତିବାରେ ସହାୟକ ହୋଇଥିଲା। ତେଣୁ ମୁଁ ଭାବୁ ନାହିଁ ସେଥିରେ (କେଏଲ ରାହୁଲଙ୍କୁ ଓପନିଂ ପଠାଇବାରେ) କୌଣସି ପରିବର୍ତ୍ତନ ଆବଶ୍ୟକ।

କୁହାଯାଉଛି, ଏହା ଅଧିନାୟକ ରୋହିତ ଶର୍ମାଙ୍କର ଏକ ସାହସିକ ପଦକ୍ଷେପ। ସେ ତାଙ୍କ ମନପସନ୍ଦର ସ୍ପଟ୍‌କୁ କେଏଲ ରାହୁଲଙ୍କୁ ଦେଇଛନ୍ତି। ପର୍ଥ ଟେଷ୍ଟରେ ରୋହିତ ଶର୍ମାଙ୍କ ଅନୁପସ୍ଥିତିରେ ଯଶସ୍ୱୀ ଜୈସ୍ୱାଲଙ୍କ ସହିତ ଓପନିଂ କରିଥିଲେ କେଏଲ ରାହୁଲ। ସେହି ଟେଷ୍ଟର ଦ୍ୱିତୀୟ ଇନିଂସରେ ସେମାନଙ୍କ ମଧ୍ୟରେ ୨୦୧ ରନ୍‌ର ପାର୍ଟନରସିପ ହୋଇଥିଲା। ରାହୁଲଙ୍କ ଖେଳ ସମସ୍ତଙ୍କୁ ଭଲ ଲାଗିଥିଲା। ସେ ୭୭ ରନ୍ କରିଥିଲେ।

୨୦୧୯ରୁ ଟେଷ୍ଟରେ ଭାରତ ପାଇଁ ଓପନିଂ କରି ଆସୁଥିଲେ ରୋହିତ ଶର୍ମା। ତାଙ୍କୁ ସେହି ସ୍ଥାନରେ ବ୍ୟାଟିଂ କରିବାକୁ ସୁଯୋଗ ଦେବାରେ ଥିଲା ତତ୍‌କାଳୀନ ଅଧିନାୟକ ବିରାଟ କୋହଲି ଓ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀଙ୍କ ହାତ। ଆଉ ଏହା ଟେଷ୍ଟ କ୍ରିକେଟରେ ରୋହିତଙ୍କ ଭାଗ୍ୟ ବଦଳାଇ ଦେଇଥିଲା। ରୋହିତ ଶର୍ମା ସେହି ସମୟରୁ ଆଜି ପର୍ଯ୍ୟନ୍ତ ୪୨ଟି ଟେଷ୍ଟ ଖେଳିଥିବା ବେଳେ ୩୦୦୦ ରନ୍ ସଂଗ୍ରହ କରିଛନ୍ତି। ତା' ମଧ୍ୟରେ ୯ଟି ଶତକ ରହିଛି।

ସୂଚନାଯୋଗ୍ୟ, ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଏକାଦଶ ବିପକ୍ଷରେ ଖେଳା ଯାଇଥିବା ଅଭ୍ୟାସ ମ୍ୟାଚ୍‌ରେ ରୋହିତ ଓପନିଂ କରିବାକୁ ଆସି ନଥିଲେ। ତାଙ୍କ ବଦଳରେ ଯଶସ୍ୱୀ ଜୈସ୍ୱାଲଙ୍କ ସହିତ କେଏଲ ରାହୁଲଙ୍କୁ ପଠାଇଥିଲେ। ସେ ନିଜକୁ ୫ ନମ୍ବରରେ ରଖିଥିଲେ ହେଁ ୪ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିଲେ। କିନ୍ତୁ ଏହି ନମ୍ବରରେ ଆସି ଫେଲ ମାରିଥିଲେ। ମାତ୍ର ୩ ରନ୍ କରିବାକୁ ସକ୍ଷମ ହୋଇଥିଲେ ରୋହିତ।

ଆଡିଲେଡ୍ ଟେଷ୍ଟ ପାଇଁ ଦଳରେ ଗୋଟିଏ ବଡ଼ ପରିବର୍ତ୍ତନ କଲା ଅଷ୍ଟ୍ରେଲିଆ

ନୂଆଦିଲ୍ଲୀ

ଚଳିତ ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଅଷ୍ଟ୍ରେଲିଆ ଦଳ ଗୋଟିଏ ବଡ଼ ପରିବର୍ତ୍ତନ କରିଛନ୍ତି। ଜୋଶ୍ ହାଜେଲଉଡ୍ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇ ନାହାନ୍ତି। ତାଙ୍କ ବଦଳରେ ଦଳରେ ସ୍ଥାନ ପାଇଛନ୍ତି ପେସ୍ ବୋଲର ସ୍କଟ ବୋଲାଣ୍ଡ।

ଗତ ୧୮ ମାସରେ ଆଡିଲେଡ୍ ଟେଷ୍ଟ ହେବ ଅଷ୍ଟ୍ରେଲିଆ ପକ୍ଷରୁ ସ୍କଟ ବୋଲାଣ୍ଡଙ୍କ ପ୍ରଥମ ମ୍ୟାଚ୍। ଶେଷ ଥର ପାଇଁ ୨୦୨୩ରେ ଇଂଲଣ୍ଡ ବିପକ୍ଷରେ ସମ୍ମାନଜନକ ଆଶେସ ସିରିଜ୍ ଖେଳିଥିଲେ ୩୫ ବର୍ଷୀୟ ବୋଲାଣ୍ଡ। ପର୍ଥରେ ଖେଳା ଯାଇଥିବା ପ୍ରଥମ ଟେଷ୍ଟରେ ଜୋଶ ହାଜେଲଉଡ୍ ଆହତ ହୋଇଥିଲେ। ଅଧିନାୟକ ପାଟ କମିନ୍ସ କହିଛନ୍ତି ଯେ ବୋଲାଣ୍ଡଙ୍କୁ ଦଳରେ ପାଇ ସେମାନେ ଖୁସି ଅଛନ୍ତି।

ଅନ୍ୟପକ୍ଷରେ ପର୍ଥ ଟେଷ୍ଟ ବେଳେ ପିଠି ମାଂସପେଶୀରେ ସମସ୍ୟା ଦେଖା ଦେଇଥିଲେ ମଧ୍ୟ ମିଚେଲ ମାର୍ଶଙ୍କୁ ଦଳ ଦ୍ୱିତୀୟ ଟେଷ୍ଟର ଚୂଡ଼ାନ୍ତ ଏକାଦଶରେ ସ୍ଥାନ ଦେଇଛି। ସେ ଆଡିଲେଡ୍ ଟେଷ୍ଟରେ ବୋଲିଂ କରିବାକୁ ଫିଟ୍ ଅଛନ୍ତି ବୋଲି କହିଛନ୍ତି ଅଧିନାୟକ ପାଟ୍ କମିନ୍ସ। ଭାରତ ବିପକ୍ଷ ଆଡିଲେଡ୍ ଟେଷ୍ଟ ପାଇଁ ଅଷ୍ଟ୍ରେଲିଆ ଟିମ୍‌ରେ ଉସମାନ ଖୱାଜା, ନାଥନ ମ୍ୟାକସ୍ୱିନୀ, ମାର୍ନସ ଲାବୁଶେନ, ଷ୍ଟିଭ ସ୍ମିଥ, ଟ୍ରାଭିସ ହେଡ୍, ମିଚେଲ ମାର୍ଶ, ଆଲେକ୍ସ କେରୀ (ୱିକେଟ କିପର), ପାଟ କମିନ୍ସ (ଅଧିନାୟକ), ମିଚେଲ ଷ୍ଟାର୍କ, ନାଥନ ଲିୟନ ଓ ସ୍କଟ ବୋଲାଣ୍ଡ।

ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତା

ବାରିପଦା, ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ, ଭୁବନେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ୧୭ ବର୍ଷରୁ କମ୍ ଉଭୟ ବାଳକବାଳିକା ବର୍ଗର ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତାର ଚତୁର୍ଥ ଦିବସରେ ଛଅ ଗୋଟି ଖେଳ ପଡ଼ିଆରେ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଷ୍ଟାଡିୟମର ଏକ ନମ୍ବର ଖେଳ ପଡ଼ିଆରେ ଅନୁଷ୍ଠିତ ବାଳକ ବିଭାଗର ମ୍ୟାଚ୍‌ରେ ଗଜପତି ଟିମ୍ କୋରାପୁଟକୁ ପରାସ୍ତ କରିଥିଲା। ଉକ୍ତ ଷ୍ଟାଡିୟମର ଦୁଇ ନମ୍ବର ଖେଳ ପଡ଼ିଆରେ ଅନୁଷ୍ଠିତ ବାଳକ ବିଭାଗରେ ମ୍ୟାଚ୍‌ରେ ଗଞ୍ଜାମ ଟିମ୍ ଜଗତସିଂହପୁରକୁ ପରାସ୍ତ କରିଥିଲା। ଏ.ପି.ଜେ. ଆବଦୁଲ କଲାମ ପଡ଼ିଆର ଅନୁଷ୍ଠିତ ବାଳକ ବିଭାଗର ପ୍ରଥମ ମ୍ୟାଚ୍‌ରେ ମାଲକାନଗିରି ଟିମ୍ ବରଗଡ଼କୁ, ଦ୍ୱିତୀୟ ମ୍ୟାଚ୍‌ରେ କଟକ ଟିମ୍ ଦେବଗଡ଼କୁ ପରାସ୍ତ କରିଥିଲା। ମଧୁବନ ମିନି ଷ୍ଟାଡିୟମରେ ଅନୁଷ୍ଠିତ ବାଳକ ବିଭାଗର ପ୍ରଥମ ମ୍ୟାଚ୍‌ରେ କେନ୍ଦ୍ରାପଡ଼ା ଟିମ୍ ନୟାଗଡ଼କୁ, ଦ୍ୱିତୀୟ ମ୍ୟାଚ୍‌ରେ ବଲାଙ୍ଗିର ଟିମ୍ ନୂଆପଡ଼ାକୁ ପରାସ୍ତ କରିଥିଲା। ଷ୍ଟେସନବଜାର ଖେଳପଡିଆରେ ଅନୁଷ୍ଠିତ ବାଳିକା ବିଭାଗରେ ପ୍ରଥମ ମ୍ୟାଚ୍ ମୟୂରଭଞ୍ଜ ଟିମ୍ ବାଲେଶ୍ୱରକୁ, ଦ୍ୱିତୀୟ ମ୍ୟାଚ୍‌ରେ ଭୁବନେଶ୍ୱର ଟିମ୍ ନୂଆପଡ଼ାକୁ, ତୃତୀୟ ମ୍ୟାଚ୍‌ରେ କଟକ ଟିମ୍ ସମ୍ବଲପୁରକୁ ଓ ଚତୁର୍ଥ ମ୍ୟାଚ୍‌ରେ ନବରଙ୍ଗପୁର ଟିମ୍ ଜଗତସିଂହପୁରକୁ ପରାସ୍ତ କରିଥିଲା। ଲେଟ କ୍ୟାଟ୍ ଖେଳପଡ଼ିଆରେ ଅନୁଷ୍ଠିତ ବାଳକ ବିଭାଗର ପ୍ରଥମ ମ୍ୟାଚ୍‌ରେ ପୁରୀ ଟିମ୍ କେନ୍ଦୁଝରକୁ, ଦ୍ୱିତୀୟ ମ୍ୟାଚ୍‌ରେ ଯାଜପୁର ଟିମ୍ ମୟୂରଭଞ୍ଜକୁ ପରାସ୍ତ କରିଥିଲା। ଷ୍ଟେସନବଜାର ଖେଳପଡ଼ିଆରେ ଅନୁଷ୍ଠିତ ବାଳିକା ବିଭାଗରେ ପ୍ରଥମ ମ୍ୟାଚରେ ବାଲେଶ୍ୱର ଟିମ୍ ଗଞ୍ଜାମକୁ, ଦ୍ୱିତୀୟ ମ୍ୟାଚ୍‌ରେ ଭୁବନେଶ୍ୱର ଟିମ୍ କେନ୍ଦ୍ରାପଡ଼ାକୁ, ତୃତୀୟ ମ୍ୟାଚ୍‌ରେ ନବରଙ୍ଗପୁର ଟିମ୍ ସମ୍ବଲପୁରକୁ ଓ ଚତୁର୍ଥ ମ୍ୟାଚ୍‌ରେ କଟକ ଟିମ୍ ଜଗତସିଂହପୁରକୁ ପରାସ୍ତ କରିଛି ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଓ ଦୀପକ ରାମ ଜଣାଇଛନ୍ତି।

ଶାରଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଫାଇନାଲରେ ଜଗନ୍ନାଥପୁର ଓ କୋଲର

ତିର୍ତ୍ତୋଲ, ନ୍ୟୁଜ୍‌ବ୍ୟୁରୋ

ତିର୍ତ୍ତୋଲ ବ୍ଲକ ପାଳନ୍ଦା ମହାନଦୀ ପଠାରେ ମା' ଶାରଳା କ୍ରିକେଟ ଆସୋସିଏସନ ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ ହୋଇଯାଇଛି। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ତିର୍ତ୍ତୋଲ ବିଧାୟକ ପ୍ରଫେସର ଡଃ. ରମାକାନ୍ତ ଭୋଇ, ଆସୋସିଏସନ ସଭାପତି ବିମଳକାନ୍ତ ମହାପାତ୍ର, ଉମେଶ ନାୟକ ପ୍ରମୁଖ ଶାରଳାରୋଡ଼ ଠାରୁ ଏକ ଶୋଭାଯାତ୍ରାରେ ଆସି ପାଳନ୍ଦା ଖେଳପଡ଼ିଆରେ ପହଞ୍ଚି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଟିମ୍ ଭାଗ ନେଇଥିଲେ। ଆସନ୍ତା ରବିବାର ୮ ତାରିଖ ଦିନ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଫାଇନାଲ ମ୍ୟାଚ୍‌ଟି ଜଗନ୍ନାଥପୁର ଓ କୋଲର କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହେବବୋଲି ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିଦିନ ତିର୍ତ୍ତୋଲ ସାମ୍ବାଦିକ ସଙ୍ଘ ଏକାଦଶ ଓ ତିର୍ତ୍ତୋଲ ପଞ୍ଚାୟତ ସମିତି ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାପାଇଁ ସ୍ଥିର କରାଯାଇଛି। ପ୍ରତେକ ଦିନ ଏହି ଖେଳକୁ ଆସୋସିଏସନର ବିକ୍ରମ ରାୟ, ବିପ୍ଳବ ରାୟ, ଦେବୀ ପ୍ରସାଦ ରାୟ, କାର୍ତ୍ତିକ ସ୍ୱାଇଁ, ପପୁ ଖୁଣ୍ଟିଆ, ଶ୍ରୀକାନ୍ତ ସ୍ୱାଇଁ, ଅରବିନ୍ଦ ମହାପାତ୍ର, ମିହିର ସେଠୀ, ଅମ୍ବିକା ପ୍ରସାଦ ଭୋଇ, ଅନିଲ ଭୋଇଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

କୁମାରବସ୍ତ ଲୋକନାଥ କ୍ରିକେଟ୍

ବାଙ୍କୁଆଳ ଓ ଢେଙ୍କାନାଳ ବିଜୟୀ

ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଇଜିଂଷ୍ଟାର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଲୋକନାଥ ଦେବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କୁମାରାବସ୍ତ ଖେଳପଡ଼ିଆରେ ଗୁରୁବାର ଦ୍ୱାଦଶ ଦିବସର ପ୍ରଥମ ମ୍ୟାଚ୍‌ରେ ବାଙ୍କୁଆଳ ଦଳ ଯଦୁପୁର ଦଳକୁ ୭ ୱିକେଟରେ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ଯଦୁପୁର ଦଳ ପ୍ରଥମେ ବ୍ୟାଟିଂ କରି ୬ ୱିକେଟ ହରାଇ ୧୫୫ ରନ କରିଥିଲା। ଦଳ ପକ୍ଷରୁ ମିର୍ ଆସିଫ ୬୪ ରନ୍ ଓ ଏମ୍.ଡି. ତବ୍ରିଜ୍ ୪୧ ରନ୍ କରିଥିଲେ। ଜବାବରେ ବାଙ୍କୁଆଳ ଦଳ ଦିଲୀପ ମହାରଣାଙ୍କ ୬୪ ରନ୍ ବଳରେ ମାତ୍ର ୧୧.୪ ଓଭରରେ ୩ ୱିକେଟ୍ ହରାଇ ଆବଶ୍ୟକ ୨୫୮ ରନ ସଂଗ୍ରହ କରିନେଇ ଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଢେଙ୍କାନାଳ ଦଳ ପିଓ୍ୱାଇସି ଅତ୍ରି ଦଳକୁ ୨୩ ରନ୍‌ରେ ପରାସ୍ତ କରିଛି। ଢେଙ୍କାନାଳ ଦଳ ପ୍ରଥମେ ବ୍ୟାଟିଂ କରି ମୃତ୍ୟୁଞ୍ଜୟ ମାନସିଂହଙ୍କ ୮୪ ରନ ସହାୟତାରେ ୧୮ ଓଭରରେ ୧୦ ୱିକେଟ ହରାଇ ୧୭୭ ରନ ସଂଗ୍ରହ କରିଥିଲେ। ଅତ୍ରି ଦଳର ଦୀପକ ବେହେରା ୪ ୱିକେଟ ନେଇଥିଲେ। ଜବାବରେ ପିଓ୍ୱାୟିସି ଅତ୍ରି ଦଳ ୧୭.୪ ଓଭରରେ ୧ ଟି ୱିକେଟ ହରାଇ ମାତ୍ର ୧୫୪ ରନ୍‌ରେ ସୀମିତ ରହିଥିଲେ। ଦଳ ତରଫରୁ ଦୀପକ ବେହେରା ୩୮ ରନ୍ ଓ କୁଳଦୀପ ପାଇକରାୟ ୩୫ ରନ୍ କରିଥିଲେ। ଅତିଥି ଏସ୍.କେ ସର୍ଯାନ ପ୍ରଥମ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଦିଲୀପ ମହାରଣାଙ୍କୁ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ଅତିଥି ସମାଜସେବୀ ଦିବ୍ୟସିଂହ ପାତ୍ର, ଅବନୀ ସାମନ୍ତରାୟ ଓ ଭ୍ରମରବର ସାମନ୍ତରାୟ ଶ୍ରେଷ୍ଠ ଖେଳାଳି ଭାବେ ମୃତ୍ୟୁଞ୍ଜୟ ମାନସିଂହ ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ଛବି ନାରାୟଣ ସାହୁ, ସାନୁଜ ବିଶ୍ୱାଳ, ଦୁର୍ଯ୍ୟୋଧନ ପରିଡ଼ା ଓ ପ୍ରଦୋଷ ବଳିଆର୍ଶିଂ ପରିଚାଳନା କରିଥିଲେ। କାଜଲ ବଳିଆର୍ଶିଂ ଓ ଶ୍ରଦ୍ଧାକର୍ ପାତ୍ର ମ୍ୟାଚ୍ ରେଫରୀ ଭାବରେ କାର୍ଯ୍ୟ କରିଥିଲେ। ସ୍କୋରର ଭାବେ ଚଂଜନ ବରାଳ, ପ୍ରକାଶ ସାହୁ, ଶିବଦତ୍ତ ବଡ଼ଜେନା ଓ ସୋଭାକର ପାତ୍ର ଥିଲେ। ସଂଯୋଜକ ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଏବଂ ବନବିହାରୀ ସ୍ୱାଇଁ କାର୍ଯ୍ୟ କରିଥିଲେ। ଘୋଷକ ଭାବେ ପାର୍ଥସାରଥୀ ରାଉତରାୟ ଓ କମଳ ରାଉତରାୟ ଥିଲେ। ଶୁକ୍ରବାର ଦିନ ପ୍ରଥମ ମ୍ୟାଚ୍ ବାଙ୍କୀ ବନାମ ଯାଆଁଳା ଓ ଦ୍ୱିତୀୟ ମ୍ୟାଚ୍ କଳିଙ୍ଗ ଖୋର୍ଦ୍ଧା ବନାମ ଭାଳିଆବାଡ଼ି କ୍ରିକେଟ୍ କ୍ଲବ୍ ମଧ୍ୟରେ ହେବ ବୋଲି ଅମିୟ ପ୍ରଧାନ ଜଣାଇଛନ୍ତି।

ସର୍ବଭାରତୀୟ ବେସାମରିକ କବାଡ଼ି ପ୍ରତିଯୋଗିତା ଚୟନ ୨୦୨୪-୨୫

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ନୂଆଦିଲ୍ଲୀଠାରେ ହେବାକୁ ଥିବା ସର୍ବଭାରତୀୟ ବେସାମରିକ କବାଡ଼ି ପ୍ରତିଯୋଗିତା ୨୦୨୪-୨୫ ଆସନ୍ତା ତା୦୩.୦୧.୨୦୨୫ ଠାରୁ ତା୦୮.୦୧.୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହ

30 YEARS
ସମୟ କହିଲା
ଭୁବନେଶ୍ୱର, ୬ ଡିସେମ୍ବର ୨୦୨୪ ଶୁକ୍ରବାର

ମଶା ଉପଦ୍ରବରେ ଅତିଷ୍ଠ କଟକବାସୀ : ସିଏମଓସି କମିଶନରଙ୍କୁ ଟାର୍ଗେଟ

କଟକ, ନ୍ୟୁଜ୍‌ବ୍ୟୁରୋ

ମଶା ଉପଦ୍ରବକୁ ନେଇ ଅତିଷ୍ଠ ହେଲେଣି କଟକ ସହରବାସୀ। କି ଦିନ କି ରାତି, ମଶା ଦାଉରେ ଘରେ ବାହାରେ ସବୁଠି ରହିବା ମୁସ୍କିଲ ହେଲାଣି। ସନ୍ଧ୍ୟା ହେଉ ହେଉ କବାଟ ଝରକା କିଲୁଛନ୍ତି ଲୋକେ। ସହରରେ ମଶା ଡେନସିଟି ୬୨ ଲେବଲରେ ପହଞ୍ଚିଥିବାବେଳେ ସିଏମ୍‌ସିର ମଶା ଦମନ ଅଭିଯାନ ସମ୍ପୂର୍ଣ୍ଣ ଫେଲ୍ ମାରିଛି, ଯାହାକୁ ନେଇ ସହରବାସୀଙ୍କ ଠାରୁ ଆରମ୍ଭ କରି ଖୋଦ୍ ହାଇକୋର୍ଟ ବେଞ୍ଚ୍ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେପଟେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି ଏହି ମଶା କାମୁଡ଼ିଲେ ହେବନି ଜ୍ୱର। ଏହାକୁ ନେଇ ସିଏମ୍‌ସି କମିଶନରଙ୍କୁ ଟାର୍ଗେଟ କରିଛନ୍ତି କର୍ପୋରେଟର। ତେବେ ଗତବର୍ଷ ଏହି ସମୟରେ ୫୦୦ରୁ ଊର୍ଦ୍ଧ୍ୱ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିଲା ବେଳେ ବର୍ତ୍ତମାନ ୪୦୦ ଡେଙ୍ଗୁ

ରୋଗୀ କଟକରେ ଚିହ୍ନଟ ହୋଇଛନ୍ତି। ଦୋକାନ ଛାତରେ ଟାୱାର ସାଙ୍ଗକୁ, ନାଳରେ କୁଢ଼କୁଢ଼ ବର୍ଜ୍ୟବସ୍ତୁ, ସ୍ଥିତି ଅତ୍ୟନ୍ତ ଦୟନୀୟ। ଏହା ସିଏମସି କାର୍ଯ୍ୟ ଉପରେ ପ୍ରଶ୍ନ ଛିଡ଼ା କରିଛି। ଗୋଟିଏ ପଟେ ସିଏମସିର ଏଭଳି କାର୍ଯ୍ୟପନ୍ଥାକୁ ନେଇ କମିଶନରଙ୍କୁ କର୍ପୋରେଟର ପ୍ରଶ୍ନ କରିଥିଲାବେଳେ ଅନ୍ୟପଟେ ୱାର୍ଡ଼ରେ ନାଳ ସଫା, ମଶା ଧୂଆଁ ସ୍ପ୍ରେ ସଠିକ ଢଙ୍ଗରେ ହେଉ ନଥିବା ଅଭିଯୋଗ କରିଛନ୍ତି କଟକବାସୀ। କେବଳ କଟକ ସହରବାସୀ ନୁହନ୍ତି ଏ ସମସ୍ୟାକୁ ଖୋଦ୍ ହାଇକୋର୍ଟ ମଧ୍ୟ ଅନୁଭବ କରିଛନ୍ତି। ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗର ଅବ୍ୟବସ୍ଥାକୁ ନେଇ ତୀବ୍ର ଅସନ୍ତୋଷ ମଧ୍ୟ ପ୍ରକାଶ କରିଥିଲେ ହାଇକୋର୍ଟ। ତେବେ କୁଆଡ଼େ ଏହି ମଶା କାମୁଡ଼ିଲେ ଡେଙ୍ଗୁ କି ମେଲରିଆ ହୁଏନି। ଏମିତି କିଛି କହି ବିବାଦକୁ ଆସିଛନ୍ତି ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର। ଏହି ୩ ମାସ ମଶାଙ୍କ ବଂଶ ବିସ୍ତାର ସମୟ ହୋଇଥିଲା ବେଳେ ସିଏମ୍‌ସି ଯେଉଁ ପଦକ୍ଷେପ ଗ୍ରହଣ କରିଛି ସେଥିରେ ଲୋକମାନେ କେବେବି ପ୍ରଭାବିତ ହେବନି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ଅଧିକାରୀ। ସ୍ୱାସ୍ଥ୍ୟ ବିଭାଗର ଏପରି ବୟାନ ହାସ୍ୟସ୍ପଦ ସେ ଏଭଳି କହିବା ଏକ ନିନ୍ଦନୀୟ କଥା। ତେଣୁ ନିଜେ ପ୍ରତି ୱାର୍ଡ ନବୁଲି ଏଭଳି ବୟାନ ଦେବା ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି କଂଗ୍ରେସ କର୍ପୋରେଟର। ଅନ୍ୟପଟେ ୫୯ଟି ୱାର୍ଡ଼ରେ ମଶା ଦମନ ପାଇଁ ଡ୍ରେନ୍‌ରେ ମଶାତେଲ ପକାଇବା ଜାରି ରହିଥିବାବେଳେ ପ୍ରତି ୱାର୍ଡ଼ରେ ମଶା ଧୂଆଁ ସମୟ ଅନୁସାରେ ଜାରି ରହିଛି। ବର୍ତ୍ତମାନ ମଶା ବଂଶ ବୃଦ୍ଧି କରିବା ସମୟ ହୋଇଥିବାରୁ ବର୍ତ୍ତମାନ ମଶା ସଂଖ୍ୟା ବୃଦ୍ଧି ପାଇଛି। ତେଣୁ ଆଉ କିଛି ଦିନ ମଧ୍ୟରେ ମଶା ଆତଙ୍କ ଉପରେ ସମ୍ପୂର୍ଣ୍ଣ ରୋକ ଲାଗି ପାରିବ ବୋଲି କହିଛନ୍ତି ସିଏମ୍‌ସି କମିଶନର।

ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ୭ରେ କଟକ ରେଳ ଷ୍ଟେସନ ପୂର୍ବ ପାର୍ଶ୍ୱ ଷ୍ଟେସନ ଭବନ ଉଦ୍‌ଘାଟନ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଆସନ୍ତା ୭ ତାରିଖରେ ଓଡ଼ିଶା ଗସ୍ତ ସମୟରେ ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କଟକ ରେଳ ଷ୍ଟେସନରେ ନୂତନ ପୂର୍ବ ପାର୍ଶ୍ୱ ଷ୍ଟେସନ୍ ଭବନର ଉଦଘାଟନ କରିବେ।

କଟକ ରେଳ ଷ୍ଟେସନର ପୂର୍ବ ପାର୍ଶ୍ୱ ଷ୍ଟେସନ ଭବନ ସିଧାସଳଖ ଜାତୀୟ ରାଜପଥ ପାର୍ଶ୍ୱରୁ ଯାତ୍ରୀମାନଙ୍କ ନିରବଚ୍ଛିନ୍ନ ଯାତ୍ରାରେ ସହଜ ହେବ। ସହଜ ଯାତାୟାତ, ଜନସାଧାରଣଙ୍କ ସୁବିଧା ଏବଂ ଯାତ୍ରୀଙ୍କ ଅଭିଜ୍ଞତାକୁ ସୁଗମ କରିବା ପାଇଁ ଏହି ବିକାଶ ଲକ୍ଷ୍ୟ ରଖିଛି। କଟକ ଷ୍ଟେସନ ଠାରେ ପୂର୍ବ ପାର୍ଶ୍ୱ ଷ୍ଟେସନ୍ ଭବନର ଉଦ୍‌ଘାଟନ ଯାତ୍ରୀଙ୍କ ସୁବିଧା ଏବଂ ନିରାପତ୍ତାକୁ ବହୁଗୁଣିତ କରିବ। ଓଡ଼ିଶାରେ ରେଳ ଭିତ୍ତିଭୂମି ବିକାଶରେ ଏହା ଏକ ନୂତନ ଅଧ୍ୟାୟ ଚିହ୍ନିତ କରୁଛି ଯାହାକି ବିଶ୍ୱ ସ୍ତରୀୟ ରେଳ ନେଟୱାର୍କ ନିର୍ମାଣର ଦୃଷ୍ଟିକୋଣ ସହିତ ସମାନ ଅଟେ।

ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ପରେ ଅଶ୍ୱିନୀ ବୈଷ୍ଣବ ୮ ତାରିଖ ସକାଳେ ଭୁବନେଶ୍ୱରରୁ ବାରଣାସୀ ମାର୍ଗ ଦେଇ ନୂଆଦିଲ୍ଲୀ ଫେରିବେ। ରେଳ ମନ୍ତ୍ରୀଙ୍କ ଏହି ଗସ୍ତରେ ପୂର୍ବାଞ୍ଚଳ କ୍ଷେତ୍ରରେ ବିଶେଷ ଧ୍ୟାନ ଦେଇ ଭିତ୍ତିଭୂମି ସୁଦୃଢ଼ କରିବା ସହ ଯାତ୍ରୀମାନଙ୍କ ଯାତାୟାତର ସୁବିଧାରେ ଉନ୍ନତି ଆଣିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରାଯାଇଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ରାଜ୍ୟର ଋଣଭାର...

ଓଡ଼ିଆ ଅସ୍ମିତାର ପ୍ରସାର ପାଇଁ ମୂଳ ବଜେଟରେ ୪୨୦ କୋଟି ଟଙ୍କା ଥିବାବେଳେ ଅତିରିକ୍ତ ବଜେଟ୍‌ରେ ଆଉ ୨ଶହ ୩୪କୋଟିର ବ୍ୟବସ୍ଥା କରାଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ ୨୬କୋଟି, ରତ୍ନଭଣ୍ଡାର ପରିଚାଳନା ପାଇଁ ୫କୋଟି, ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ପାଇଁ ୪୮କୋଟି, କଳାମଣ୍ଡଳ ପ୍ରତିଷ୍ଠା ପାଇଁ ୩୦ କୋଟି, ରାଜ୍ୟ ସଂଗ୍ରହାଳୟ ଓ ଗବେଷଣା ପାଇଁ ୧୨ କୋଟି, ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ପାଇଁ ପୋଲିସ ଷ୍ଟେସନ ଓ ଫାଣ୍ଡିରେ ସିସିଟିଭି ତନଖି ବ୍ୟବସ୍ଥା ସ୍ଥାପନ ପାଇଁ ୫୧କୋଟି, ପ୍ରବାସୀ ଭାରତୀୟ ଦିବସ ଆୟୋଜନ ପାଇଁ ୧୨୫ କୋଟି, ଜେଲ୍ ନିର୍ମାଣ ପାଇଁ ୧୦୩କୋଟି, ଅଗ୍ନିଶମ ସେବାର ଆଧୁନିକୀ କରଣ ପାଇଁ ୬୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ମନ୍ତ୍ରୀ କହିଥିଲେ ଯେ, ୨୦୨୪-୨୫ରେ ବିଭିନ୍ନ ରାଜ୍ୟମାନଙ୍କୁ ଭିତ୍ତିଭୂମି ନିର୍ମାଣ ପାଇଁ ସୁଧବିହୀନ ଦୀର୍ଘମିଆଦି ଋଣ ବାବଦକୁ ସର୍ବାଧିକ ୧ଲକ୍ଷ ୫୦ କୋଟିଟଙ୍କାର ବ୍ୟବସ୍ଥା ହୋଇଛି। ଏହି ଯୋଜନାରେ ଗତବର୍ଷ ମୋଟ ୩୫୩୨କୋଟି ଟଙ୍କା ପାଇଥିବା ବେଳେ ଚଳିତ ବର୍ଷ ଆମେ କେନ୍ଦ୍ର ସରକାରଙ୍କ ଠାରୁ ଅଦ୍ୟାବଧି ୪୪୫୫କୋଟି ଟଙ୍କାର ରେକର୍ଡ ପରିମାଣର ଅର୍ଥ ପାଇବା ପାଇଁ ଅନୁମୋଦନ ପାଇ ସାରିଛୁ। କେନ୍ଦ୍ରସରକାରଙ୍କ ଠାରୁ ଆଉ ପ୍ରାୟ ୨ହଜାର କୋଟି ଟଙ୍କା ଅଧିକ ପାଇବୁ ବୋଲି ଆଶା କରାଯାଉଛି। ମନ୍ତ୍ରୀ କହିଥିଲେ ସୁଭଦ୍ରା ଯୋଜନାରେ ଅଦ୍ୟାବଧି ୮୦ ଲକ୍ଷରୁ ଅଧିକ ଯୋଗ୍ୟ ମହିଳା ହିତାଧିକାରୀ ୨୦୨୪-୨୫ର ପ୍ରଥମ କିସ୍ତି ପାଇସାରିଛି ଏବଂ ଏବାବଦକୁ ରାଜ୍ୟ ସରକାର ୪୧୮୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସେ କହିଥିଲେ ପ୍ରଧାନମନ୍ତ୍ରୀଙ୍କ ମାର୍ଗ ଦର୍ଶନରେ ଆଜି ଓଡ଼ିଶାକୁ କେବଳ ଦେଶରେ ନୁହେଁ ସମଗ୍ର ବିଶ୍ୱ ମାନଚିତ୍ରରେ ପ୍ରାଥମିକତା ମିଳୁଛି। ବିଶ୍ୱରେ ଓଡ଼ିଶାକୁ ଗୌରବାନ୍ୱିତ କରିବା ଲକ୍ଷରେ ଜି-୨୦ ସମ୍ମିଳନୀଠୁ ଆରମ୍ଭ କରି ପୋଲିସ ଡିଜିପି-ଆଇଜିପି ସମ୍ମିଳନୀ ଓ ନୌସେନା ଦିବସ ଆଦିର ସଫଳଆୟୋଜନ କରାଯାଇଛି। ୨୦୨୫ ଜାନୁୟାରୀ ୮ରୁ ୧୦ତାରିଖ ମଧ୍ୟରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଓଡ଼ିଶାକୁ ଦେଶରେ ୧ନଂ ରାଜ୍ୟ କରିବାର ସ୍ୱପ୍ନ ସାକାର ହେବାକୁ ଯାଉଛି। ବିକଶିତ ଓଡ଼ିଶା ଗଠନ ପାଇଁ ସାରା ରାଜ୍ୟ ଅଣ୍ଟା ଭିଡିଛି ଏବଂ ମତାମତ ଦେଉଛି। ଏଜାବତ ଭିଜନ ଦସ୍ତାବିଜ୍ ପାଇଁ ୨ଲକ୍ଷ ଲୋକଙ୍କ ମତାମତ ମିଳିଛି। ବଜେଟରେ ବରାଦ କରାଯାଇଥିବା ଅର୍ଥର ବିନିଯୋଗ ଉପରେ ବିରୋଧି ଦଳ ପକ୍ଷରୁ ପ୍ରକାଶ ପାଇଥିବା ଆଶଂକା ପରିପ୍ରେକ୍ଷିରେ ମନ୍ତ୍ରୀ କହିଥିଲେ ଯେ, ୨୦୨୪ ନଭେମ୍ବର ପର୍ଯ୍ୟନ୍ତ ରାଜ୍ୟ ବଜେଟ୍‌ର ୪୩.୧ ପ୍ରତିଶତ ମୋଟ ବ୍ୟୟ ହୋଇଛି। ଯାହା ପୂର୍ବ ବର୍ଷ ଏହି ସମୟରେ ୪୫.୯ ପ୍ରତିଶତ ବିନିଯୋଗ ହୋଇଥିଲା। ନିୟମିତ ଭାବେ ଉଚ୍ଚସ୍ତରୀୟ ବୈଠକରେ ଆୟ ବ୍ୟୟର ସମୀକ୍ଷା କରାଯାଉଛି। ବର୍ଷଶେଷ ସୁଦ୍ଧା ବଜେଟ ଅର୍ଥର ପୂର୍ଣ୍ଣ ବିନିଯୋଗ କରିବାକୁ ଏବଂ ସରକାରଙ୍କ ସମସ୍ତ ଯୋଜନାର ଲାଭ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାରେ ଆମେ ସଫଳ ହେବୁ ବୋଲି ସେ କହିଥିଲେ। ୨୦୨୪ ଅକ୍ଟୋବର ପର୍ଯ୍ୟନ୍ତ ରାଜ୍ୟର ରାଜସ୍ୱ ବଳକା ସ୍ଥିତି ବଜାୟ ଥିବା ବେଳେ ଋଣ ଭାର ରାଜ୍ୟସକଳ ଘରୋଇ ଉତ୍ପାଦର ଅନୁପାତ ୧୦.୧୧ ପ୍ରତିଶତ ରହିଛି ଏବଂ ସୁଧଦେୟ ଓ ରାଜସ୍ୱ ଆୟର ଅନୁପାତ ୧.୮୫ ପ୍ରତିଶତରେ ସିମୀତ ରହିଛି। ଏହିସବୁ ବିତ୍ତୀୟ ସୂଚକାଙ୍କ ଧାର୍ଯ୍ୟସୀମା ତୁଳନାରେ ଯଥେଷ୍ଟ ତଳେ ରହିଛି। ତେଣୁ ରାଜ୍ୟର ଋଣ ଭାରର ସ୍ଥିତି ପୋଷଣୀୟ ସ୍ତରରେ ରହିଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ। ୨୦୨୪ ଅକ୍ଟୋବର ସୁଦ୍ଧା ରାଜ୍ୟର ମୁଣ୍ଡପିଛା ଋଣଭାର ୨୦ହଜାର ୧୭୭ଟଙ୍କା ରହିଛି ଯାହା ଅନ୍ୟରାଜ୍ୟ ତୁଳନାରେ ଯଥେଷ୍ଟ କମ୍। ଚଳିତ ବର୍ଷର ଅକ୍ଟୋବର ପର୍ଯ୍ୟନ୍ତ ଋଣ ଭାର ଗତବର୍ଷ ଶେଷର ଋଣ ଭାର ତୁଳନାରେ ୨୫୯୭କୋଟି ଟଙ୍କା ହ୍ରାସ ପାଇଛି। ତେଣୁ ରାଜ୍ୟର ଋଣ ଭାର ଓ ମୁଣ୍ଡପିଛା ଋଣକୁ ନେଇ ଚିନ୍ତାପ୍ରକଟ କରିବାର ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ। ଚଳିତ ଆର୍ଥିକ ବର୍ଷ ନଭେମ୍ବର ଶେଷ ସୁଦ୍ଧା ରାଜ୍ୟର ମୋଟ୍ ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ୧୦ପ୍ରତିଶତ ବୃଦ୍ଧି ହାସଲ ହୋଇଛି। ଏହା ବଜେଟ୍ ଆକଳନର ୫୪.୫ ପ୍ରତିଶତ । ଦ୍ରବ୍ୟ ଓ ସେବାକର, ରାଜ୍ୟଅବକାରୀ ଶୁଳ୍କ, ଯାନବାହାନ ଟିକସ ଏବଂ ଡିଭିଡେଣ୍ଡ ସଂଗ୍ରହରେ ଅଭିବୃଦ୍ଧି ଯୋଗୁଁ ନିଜସ୍ୱ ରାଜସ୍ୱ ଆଦାୟ ଆଶାନୁରୂପ ହୋଇଛି। କେନ୍ଦ୍ରୀୟ ସହାୟତା କ୍ଷେତ୍ରରେ ମଧ୍ୟ ବୃଦ୍ଧି ପରିଲକ୍ଷିତ ହେଉଛି। ଏହି ଅଭିବୃଦ୍ଧି ହାର ଦର୍ଶାଉଛି ଯେ ବଜେଟ ଆକଳନ ଅନୁଯାୟୀ ଧାର୍ଯ୍ୟ ରାଜସ୍ୱ ଲକ୍ଷ ହ୍ରାସ ବର୍ଷ ଶେଷରେ ହାସଲ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ।

ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନାରେ ବିଧାୟକ ସର୍ବଶ୍ରୀ ନିରଞ୍ଜନ ପୂଜାରୀ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ତାରାପ୍ରସାଦ ବାହାନିପତି, ରୁପୁଭତ୍ରା, ଦିବ୍ୟଶଙ୍କର ମିଶ୍ର, ଆକାଶ ଦାସ ନାୟକ, ଟଙ୍କଧର ତ୍ରିପାଠୀ, ଅରବିନ୍ଦ ମହାପାତ୍ର ପ୍ରମୁଖ ବହୁ ବିଧାୟକ ଆଲୋଚନାରେ ଭାଗ ନେଇଥିଲେ।

ଆଇନ ବ୍ୟବସ୍ଥାକୁ ସହଜ...

ଦ୍ୱାରସ୍ଥ ହୋଇଥିଲେ। ଭାରତର ମହିଳାମାନେ ଓକିଲାତି କରିବାର ସୁଯୋଗ ପାଇଛନ୍ତି। ମଧୁବାବୁଙ୍କ ଭଳି ଆମ ଝିଅମାନେ ମଧ୍ୟ ଆଇନ କ୍ଷେତ୍ରରେ କାମ କରୁଛନ୍ତି। କୋର୍ଟ କଚେରିରେ ନ୍ୟାୟ ଆଶାରେ ଯାଇଥିବା ଲୋକ ବହୁବାର ଯାଇଯାଇ ଥକି ପଡ଼ିଥାନ୍ତି। ଲୋକମାନେ ଓକିଲଙ୍କୁ ମନକଥା ମଧ୍ୟ କହିପାରି ନଥାନ୍ତି। ବିଶ୍ୱଗୁରୁ ରବୀନ୍ଦ୍ର ନାଥ ଟାଗୋର ତାଙ୍କର କବିତା ମାଧ୍ୟମରେ କହିଛନ୍ତି- ଯେଉଁଠି ବିନା ଭୟରେ ମୁଣ୍ଡ ଟେକି ଯାଇ ହେଉଥିବ, ସେହି ଦିଗରେ ଭାରତ ଅଗ୍ରଗତି କରୁଛି। ଗାଁ ଗହଳିରେ ଯେତେବେଳେ ଆମେ ପିଲାଥିଲୁ, ଆଇନଜ୍ଞ, ଶିକ୍ଷକ ଓ ଡାକ୍ତରଙ୍କୁ ଭଗବାନ ମନେ କରୁଥିଲୁ। ଏହାର କାରଣ ଆଇନର ପ୍ରତ୍ୟେକ ଧାରା ଏମାନଙ୍କୁ ଜଣା। ସେମାନଙ୍କର ସାଧନାକୁ ସମ୍ମାନ ଦେବା। ଆଇନଜୀବୀମାନଙ୍କର କର୍ତ୍ତବ୍ୟକୁ ସମ୍ମାନ ଦେବାର ଆବଶ୍ୟକତା ରହିଛି। ସାଧାରଣ ଲୋକଟିଏ ଯଦି କୌଣସି ଅସୁବିଧା ନପାଏ, ତାହା ବିକଶିତ ଭାରତକୁ ପ୍ରମାଣିତ କରିବ।

ଅଭିଭାଷଣର ଆରମ୍ଭରୁ ରାଷ୍ଟ୍ରପତି କହିଥିଲେ ମହାତ୍ମା ଗାନ୍ଧୀ ନ୍ୟାୟ ପାଇଁ ସଂଘର୍ଷ କରିଥିଲେ। ଏହି ପରିସରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରି ଖୁସି ଅନୁଭବ କରୁଛନ୍ତି। ଏହି କୋର୍ଟରେ ଏକାଧିକ କାର୍ଯ୍ୟକ୍ରମ ହୋଇପାରିବ। ବିଭିନ୍ନ ମାମଲାର ବିଚାର ହୋଇପାରିବ। ନବନିର୍ମିତ କୋର୍ଟରେ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ସରଣ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶାରେ ଗୋ...

ନେତାମାନେ କଟାକ୍ଷ କରିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରୁ ବାହାର ରାଜ୍ୟକୁ ବେଆଇନ୍ ଭାବେ ଗୋଚାଲାଣ ହେଉଛି। ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଂଜ ଜିଲ୍ଲାରେ ଏହା ଅଧିକ। ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡକୁ ବେଆଇନ୍ ଭାବେ ଗୋଚାଲାଣ ବେଳେ ଅନେକ ସମୟରେ ଗୋରୁଗାଡ଼ି ଧରାପଡ଼ିଛି।

ୟୁରୋପୀୟ ...

ନିର୍ଦ୍ଧାରିତ ସମୟର ୮ ମିନିଟ ପୂର୍ବରୁ ଇସ୍ରୋର ପିଏସଏଲ୍‌ଭି-ସି-୫୯ ମହାକାଶଯାନରୁ ପ୍ରୋବା-୩ ମିଶନକୁ ସଫଳତାର ସହ ଉତ୍‌କ୍ଷେପଣ କରାଯାଇଥିଲା। ଏହା ମହାକାଶକୁ ଯାଇ ଏକ କୃତ୍ରିମ ସୌର ପ୍ରଣାଳୀ ସୃଷ୍ଟି କରିବ। ପ୍ରୋବା-୩ ଅଭିଯାନରେ ୟୁରୋପୀୟ ମହାକାଶ ଏଜେନ୍ସି ନିଜର ଦୁଇଟି ଉପଗ୍ରହ ମଧ୍ୟ ମହାକାଶକୁ ପଠାଇଛି। ଏହି ଦୁଇଟି ଉପଗ୍ରହ ଏକାଠି ଯାଇ ପୃଥିବୀର କକ୍ଷପଥରେ ପହଞ୍ଚିବା ପରେ ପରସ୍ପର ସହ ଯୋଗାଯୋଗ ବଜାୟ ରଖି ସୂର୍ଯ୍ୟର ରହସ୍ୟ ଉପରେ ଗଭୀର ଅଧ୍ୟୟନ କରିବେ। ୟୁରୋପୀୟ ସ୍ପେସ୍ ଏଜେନ୍ସିର ପ୍ରୋବା-୩ ମିଶନରେ ପଠାଯାଇଥିବା ଦୁଇଟି ସ୍ପେସକ୍ରାଫ୍ଟ କରୋନାଗ୍ରାଫ୍ ଓ ଅକଲ୍ଟରକୁ ସମାନ୍ତରାଳ ଭାବେ ମହାକାଶରେ ରଖାଯିବ। ଯେହେତୁ ସୂର୍ଯ୍ୟଙ୍କ ବାହ୍ୟ ବଳୟକୁ ଦେଖିବା କଷ୍ଟକର, ସେଥିପାଇଁ ଗୋଟିଏ ସ୍ପେସକ୍ରାଫ୍ଟ ସୂର୍ଯ୍ୟଙ୍କ ବାହ୍ୟବଳୟରୁ ବାହାରୁଥିବା ଅତିବାଇଗଣୀ ରଶ୍ମିକୁ ବ୍ଲକ୍ କରି ଅନ୍ଧକାର ସୃଷ୍ଟି କରିବ। ଏହାକୁ କୃତ୍ରିମ ସୂର୍ଯ୍ୟ ପରାଗ ବୋଲି ମଧ୍ୟ କୁହାଯାଉଛି। ଅନ୍ୟ ସ୍ପେସକ୍ରାଫ୍ଟଟି କରୋନାର ଫଟୋ ଉଠାଇ ଏହାକୁ ଅଧ୍ୟୟନ କରିବ। ବୁଧବାର ସମାନ ସମୟରେ ଏହି ମିଶନ ଲଞ୍ଚ୍ କରିବାକୁ ଯୋଜନା କରାଯାଇଥିଲା। କିନ୍ତୁ ଲଞ୍ଚ ହେବାର କିଛି ସମୟ ପୂର୍ବରୁ ଏହାକୁ ସ୍ଥଗିତ ରଖାଯାଇଥିଲା। ମହାକାଶଯାନରେ ହଠାତ୍ କିଛି ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ଏହାକୁ ୨୪ ଘଣ୍ଟା ପାଇଁ ସ୍ଥଗିତ ରଖାଯାଇଥିଲା। ପୂର୍ବରୁ ୨୦୦୧ରେ ଇସ୍ରୋ ପକ୍ଷରୁ ଏହି ସିରିଜର ପ୍ରଥମ ସୌର ଅଭିଯାନ ଆରମ୍ଭ କରାଯାଇଥିଲା। ଏହାପରେ ପ୍ରୋବା-୨ ମିଶନକୁ ୨୦୦୯ରେ ସଫଳତାର ସହ ଲଞ୍ଚ କରିଥିଲା ଇସ୍ରୋ। ପୂର୍ବ ମିଶନଗୁଡ଼ିକ ସଫଳ ହୋଇଥିବାବେଳେ ସିରିଜର ତୃତୀୟ ମିଶନ ପାଇଁ ମଧ୍ୟ ଇସ୍ରୋକୁ ବାଛିଥିଲା ୟୁରୋପୀୟ ସ୍ପେସ୍ ଏଜେନ୍ସି।

ରାଜଧାନୀରେ ରାସ୍ତା...

କଲାବେଳେ ସବୁ ଦଳର ସଦସ୍ୟମାନେ ଏଥିପ୍ରତି ସହମତ ବା ସମର୍ଥନ ଜଣାଇଥିଲେ।

ଶ୍ରୀ ଜେନା କହିଥିଲେ ବେଳେ ବେଳେ ସହରର ପ୍ରମୁଖ ଛକ ଅତିକ୍ରମ କରିବାକୁ ଟ୍ରାଫିକରେ ୩-୪ଥର ରହିବାକୁ ପଡୁଛି। ଏପରି ଅବସ୍ଥାରେ ଗୁରୁତର ରୋଗୀ ଏବଂ ରାଜଧାନୀକୁ ଆସୁଥିବା ଭିଭିଆଇପିମାନଙ୍କ ପାଇଁ ଏକ ସ୍ପେସାଲ କରିଡର ନିର୍ମାଣ ବ୍ୟବସ୍ଥା କରାଯିବାର ଆବଶ୍ୟକତା ରହିଥିବା ସେ ଦର୍ଶାଇଥିଲେ।

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଭାବେ...

ତାରକା ସଚିନ ତେନ୍ଦୁଲକର, ଶିଳ୍ପପତି ମୁକେଶ ଅମ୍ବାନି ଓ ନୀତା ଅମ୍ବାନି, ଅନନ୍ତ ଅମ୍ବାନି ଓ ରାଧିକା ମର୍ଚ୍ଚାଣ୍ଟ ଏହି ଉପଲକ୍ଷେ ଉପସ୍ଥିତ ଥିଲେ ।

ବିଗତ ୩ ବର୍ଷରେ..

୨୭୨ ଜଣଙ୍କର ବଜ୍ରପାତଜନିତ ମୃତ୍ୟୁ ହୋଇଛି। ୨୦୨୨-୨୩ରେ ୩୦୬ ଜଣଙ୍କର ଜୀବନ ନେଇଛି ବଜ୍ରପାତ। ମୟୂରଭଞ୍ଜ, ବାଲେଶ୍ୱର, ଗଞ୍ଜାମ ଜିଲ୍ଲାରେ ବଜ୍ରପାତ ମୃତ୍ୟୁ ସଂଖ୍ୟା ଅଧିକ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି ବଢ଼ି ଚାଲିଥିବା ବଜ୍ରପାତ ଜନିତ ମୃତ୍ୟୁକୁ କେମିତି ରୋକା ଯାଇପାରିବ ? ପାଣିପାଗ ବିଶେଷଜ୍ଞଙ୍କ ମତରେ ପୂର୍ବରୁ ଗ୍ରାମାଞ୍ଚଳରେ ପ୍ରତି ବିଲ ହୁଡ଼ାରେ ତାଳଗଛ ଥିଲା। ସେହି ତାଳଗଛ ବଜ୍ର ସୁରକ୍ଷା ଯନ୍ତ୍ର ଭଳି କାମ କରୁଥିଲା। ବଜ୍ରପାତ ହେଲେ, ସୁଉଚ୍ଚ ହୋଇଥିବାରୁ ବିଜୁଳି ତାଳ ଗଛ ଉପରେ ପଡୁଥିଲା। ତାହାର ପ୍ରଭାବରେ ତାଳ ଗଛ ନଷ୍ଟ ହୋଇଯାଉଥିଲା। କିନ୍ତୁ ବିଲ ବାଡ଼ିରେ କାମ କରୁଥିବା ଲୋକ

ଜନ୍ମଭୂମି
ଓଡ଼ିଶା
ଭୁବନେଶ୍ୱର
୦୬ ଡିସେମ୍ବର
ଶୁକ୍ରବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/25-27

ପ୍ରାକୃତିକ ଚାଷ ପ୍ରତି ଆଗ୍ରହୀ ହେବାକୁ ରାଷ୍ଟ୍ରପତିଙ୍କ ଆହ୍ୱାନ

ଓୟୁଏଟିର ୪୦ତମ ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର ୫।୧୨ ନ୍ୟୁଜ ବ୍ୟୁରୋ
ଚାଷୀ ଓ ଚାଷକୁ ନେଇ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଓୟୁଏଟିର ୪୦ତମ ସମାବର୍ତ୍ତନ ଉତ୍ସବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରାକୃତିକ ଚାଷ ପ୍ରତି ଆଗ୍ରହୀ ହେବାକୁ ଆହ୍ୱାନ ଦେଇଛନ୍ତି। କୃଷି ବୈଜ୍ଞାନିକମାନଙ୍କ ଅବଦାନ ଆମ ପାଇଁ ଯଥେଷ୍ଟ ଅଧିକ ରହିଛି। କୃଷକ କଲ୍ୟାଣ ପାଇଁ ସରକାରୀ ଯୋଜନା, ପିଏମ୍ କିଷାନ ସମ୍ମାନ ନିଧି ଯୋଜନା କୃଷି ଭାଇଭଉଣୀଙ୍କ ପାଇଁ ଉପାଦେୟ ହୋଇଛି। କୃଷି କାର୍ଯ୍ୟକୁ ଆଗେଇ ନେବାକୁ ଆମ ପାଖରେ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ରହିଛି। ଚାଷ କ୍ଷେତ୍ରରେ ନାନୋ ଟେକ୍ନୋଲୋଜି, କୃତ୍ରିମ ବୁଦ୍ଧିମତା, ରିମୋଟ୍ ସେନସିଂ ଭଳି ସମୟ ଉପଯୋଗୀ ଜ୍ଞାନକୌଶଳ ଆପଣାଇବାକୁ ଆହ୍ୱାନ ଦେଇଛନ୍ତି ରାଷ୍ଟ୍ରପତି। କୃଷି ଉତ୍ପାଦନ କ୍ଷେତ୍ରରେ ଅଭୂତପୂର୍ବ ସଫଳତା ପାଇଛି ଭାରତ। ଏବେ ଭାରତ ଅନ୍ୟ ଦେଶକୁ କୃଷି ସାମଗ୍ରୀ ରପ୍ତାନୀ କରୁଛି ବୋଲି କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେପଟେ ଚାଷ ଅଛି ଯାହାର କି ଆନନ୍ଦ ତାହାର, ସିଏ ସିନା ଦୁନିଆକୁ ଯୋଗାଉଛି ଆହାର ଓଡ଼ିଆ ଗୀତ ଗାଇ ଚାଷ ଓ ଚାଷୀଙ୍କ ମନୋବଳ ବଢାଇଥିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସମାବର୍ତ୍ତନ ଉତ୍ସବ ଅବସରରେ ୪ ଜଣଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି । ଆଟମିକ୍ ଏନର୍ଜି କମିଶନ ଅଧ୍ୟକ୍ଷ ତଥା ଆଟମିକଏନର୍ଜି ବିଭାଗର ସଚିବ ଅଜିତ କୁମାର ମହାନ୍ତି, ୟୁଏସ୍ଏ ସ୍ଥିତ ଏନ୍ଆଇଏଫ୍ଏ ନିର୍ଦ୍ଦେଶକ ମଞ୍ଜିତ ମିଶ୍ର, ନ୍ୟାସନାଲ୍ ଏକାଡେମୀ ଅଫ ଭେଟେନାରୀ ସାଇନ୍ସର ସଭାପତି ପ୍ରକାଶ ରାଓ ଭେଙ୍କଟରମଣ ଦୁଭରିଓଙ୍କ ସମେତ ଓଡ଼ିଶାର ମିଲେଟ୍ ରାଣୀ ଭାବେ ପରିଚିତ ରାଇମତୀ ଘିଉରିଆଙ୍କୁ ଏହି ଉପାଧି ପ୍ରଦାନ କରାଯାଇଛି। ସମାବର୍ତ୍ତନ ଉତ୍ସବରେ ସମସ୍ତଙ୍କ ନଜର ଥିଲା ମିଲେଟ୍ କୁଇନ ରାଇମତୀ ଘିଉରିଆଙ୍କ ଉପରେ। ସାରା ଭାରତରେ ମାଣ୍ଡିଆ ରାଣୀ ଭାବେ ପରିଚିତ ଲାଭ କରିଥିବା କୋରାପୁଟର ଆଦିବାସୀ ମହିଳା ଚାଷୀ ତଥା ବହୁ ପୁରାତନ ଶସ୍ୟ ସଂଗ୍ରହକାରୀ ଜି୨୦ ଫେମ୍ ରାଇମତୀ ଘିଉରିଆଙ୍କୁ ମିଳିଛି ଡକ୍ଟରେଟ୍ ଉପାଧି। ସେ ସଫଳ ପୁରାତନ ବିହନ ସଂଗ୍ରହକାରୀ ସହ ଜଣେ ସଫଳ ଆଦିବାସୀ ମହିଳା ଚାଷୀ ଓ ବିରଳ ପୁରାତନ ମାଣ୍ଡିଆ ଓ ଧାନ ବିହନ ସଂଗ୍ରହକାରୀ । ଆଗାମୀ ପିଢ଼ି ପାଇଁ ସେ ସାଜିଛନ୍ତି ପ୍ରେରଣା । ଏହି ଅବସରରେ ୭୨୫ ଜଣଙ୍କୁ ଗ୍ରାଜୁଏଟ୍ ଡିଗ୍ରୀ, ୪୮୦ ଜଣଙ୍କୁ ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ, ୧୧୮ ଜଣଙ୍କୁ ପିଏଚଡି ଡିଗ୍ରୀ, ୧୧୭ ଜଣଙ୍କୁ ଗୋଲ୍ଡ ମେଡାଲ ସହ ୪ ଜଣଙ୍କୁ ଡକ୍ଟରେଟ୍ ଉପାଧି ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଇଛି।

୨ ପୂର୍ବତନ ସରପଞ୍ଚଙ୍କ ଗଳାକାଟି ହତ୍ୟା କଲେ ମାଓବାଦୀ

ମାଲକାନଗିରି, ୦୫/୧୨ ନ୍ୟୁଜ ବ୍ୟୁରୋ
ଲାଲ୍‌ବାହିନୀର ବର୍ବର କାଣ୍ଡ। ଶୁଣିଲେନି ଝିଅର ଗୁହାରୀ। ଅପହରଣ କରି ବାପାକୁ ନିର୍ମମ ଭାବେ ହତ୍ୟା କଲେ ମାଓବାଦୀ। ମାଲକାନଗିରି ଛତିଶଗଡ଼ ସୀମାନ୍ତ ବିଜାପୁର ଜିଲ୍ଲାରେ ଏଭଳି ଅଭାବନୀୟ ଘଟଣା ଘଟିଛି। ସୂଚନାନୁଯାୟୀ ଜାଙ୍ଗଲା ଥାନା ଅନ୍ତର୍ଗତ ଭୈରବଗଡ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶୁକଲୁ ଫରସା ଓ କଡେର ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଖରାମ ଅବଲମଙ୍କୁ ମାଓବାଦୀମାନେ ଗତ ୨ ତାରିଖରେ ବିରଭୂମି ଜଙ୍ଗଲ ରାସ୍ତାରୁ ଅପହରଣ କରିଥିଲେ। ଅପହରଣ ପରେ ଶୁକଲୁ ଫରସାଙ୍କ ନାବାଳିକା ଝିଅ ୟାମିନି ଫରସା ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ତାଙ୍କ ବାପାଙ୍କୁ ଛାଡି ଦେବାକୁ ନିବେଦନ କରିଥିଲେ। ହେଲେ ମାଓବାଦୀମାନେ ନାବାଳିକାଙ୍କ ଗୁହାରୀ ଶୁଣିନଥିଲେ। ମାଓବାଦୀମାନେ ଗୁରୁବାର ଦୁଇ ଅପହୃତଙ୍କ ଗଳାକାଟି ନିର୍ମମ ଭାବେ ହତ୍ୟା କରିଛନ୍ତି। ଘଟଣାସ୍ଥଳରେ ଏକ ହାତ ଲେଖା ପୋଷ୍ଟର ଛାଡି ଯାଇଛନ୍ତି। ଭାଜପା କର୍ମୀ ହୋଇଥିବାରୁ ଭୈରବଗଡ ମାଓ ସଙ୍ଗଠନ ଏହି ଦୁଇ ଜଣଙ୍କୁ ମୃତ୍ୟୁଦଣ୍ଡ ଦେଇଥିବା ପୋଷ୍ଟରରେ ଉଲ୍ଲେଖ କରାଯାଇଛି।

ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ – ୨୦୨୪

ଶରୀର ଓ ମୃତ୍ତିକା ସ୍ୱାସ୍ଥ୍ୟର ଯତ୍ନ ନେବା ଆଜିର ସମୟରେ ନିହାତ ଆବଶ୍ୟକ : ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୫।୧୨ ନ୍ୟୁଜ ବ୍ୟୁରୋ
ଭୁବନେଶ୍ୱର ସ୍ଥିତ କୃଷି ଭବନ ଅଡିଟୋରିଅମରେ ରାଜ୍ୟ ସ୍ତରୀୟ 'ବିଶ୍ୱ ମୃତ୍ତିକା ଦିବସ' ମହା ସମାରୋହରେ ପାଳନ କରାଯିବା ସହିତ ପ୍ରତି ଜିଲ୍ଲାସ୍ତରରେ ମଧ୍ୟ ପାଳନ କରାଯାଇଛି । ଏହି ବର୍ଷର ବିଷୟବସ୍ତୁ ହେଉଛି: ମୃତ୍ତିକା ଯତ୍ନ: ପରିମାପ, ପର୍ଯ୍ୟବେକ୍ଷଣ, ପରିଚାଳନା । ଏଥିରେ ମୁଖ୍ୟ ଅତିଥି ରୂପେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀ, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ନିଖିଲ୍ ପଓ୍ୱନ କଲ୍ୟାଣ ପ୍ରମୁଖ ଥିଲେ । ଓଡ଼ିଶାର କୋଣ ଅନୁକୋଣରୁ ଅଭିଜ୍ଞ ଚାଷୀ, କୃଷି ବିଶେଷଜ୍ଞ, ବୈଜ୍ଞାନିକ ଓ ଛାତ୍ରଛାତ୍ରୀଗଣ ଉପସ୍ଥିତ ଥିଲେ । ମାଆ, ମାଟି ଓ ମନୁଷ୍ୟର ସମ୍ପର୍କ ଆବାହନ କାଳରୁ ଅତି ନିବିଡ, ଶାଶ୍ୱତ ଓ ଚିରନ୍ତନ। ବର୍ତ୍ତମାନ ସାରା ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଏକ ମୁଖ୍ୟ ସମସ୍ୟା ଭାବରେ ଉଭା ହୋଇଥିବା ବେଳେ ମୃତ୍ତିକା ସ୍ୱାସ୍ଥ୍ୟର ପରିମାପ, ପର୍ଯ୍ୟବେକ୍ଷଣ ଓ ସୁପରିଚାଳନା ଅତି ଗୁରୁତ୍ୱପୂର୍ଣ୍ଣ । ମୃତ୍ତିକାକୁ ଯୁଗ ଯୁଗ ପାଇଁ ସୁସ୍ଥ ଓ ଉତ୍ପାଦନକ୍ଷମ କରି ରଖିବା ପାଇଁ ଯେଉଁ ଯତ୍ନ ଆବଶ୍ୟକ, ସେଥିପାଇଁ ଆମେ ପରମ କର୍ତ୍ତବ୍ୟର ସ୍ମୃତିଚାରଣ ସକାଶେ

ପ୍ରତି ବର୍ଷ ଡ଼ିସେମ୍ବର ୫ ତାରିଖକୁ ସାରା ପୃଥିବୀରେ 'ବିଶ୍ୱ ମୃତ୍ତିକା ଦିବସ' ରୂପେ ପାଳନ କରାଯାଇ ଆସୁଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ଆଜିର ସମୟରେ ଲୋକେ ଅଧିକ ପରିମାଣର ଉତ୍ପାଦନ ଓ ଲାଭ ପାଇବା ଆଶାରେ ଅଧିକ ସାର ଓ କୀଟନାଶକ ପ୍ରୟୋଗ କରୁଛନ୍ତି । କିନ୍ତୁ ଏହା ଧୀରେ ଧୀରେ ମାଟିର ସ୍ୱାସ୍ଥ୍ୟ ଓ ଉତ୍ପାଦନ କ୍ଷମତାକୁ ହ୍ରାସ କରୁଛି ଏବଂ ଦୀର୍ଘ ସମୟ ଧରି ରାସାୟନିକ ସାର ଓ କୀଟନାଶକ ବ୍ୟବହୃତ ଖାଦ୍ୟ ଖାଇବା ଦ୍ୱାରା ଶରୀରରେ ବିଭିନ୍ନ ପ୍ରକାର ରୋଗ ମାଡିବସୁଛି । ତେଣୁ ଆମେ ନିଜର ଶରୀର ଓ ମୃତ୍ତିକା ସ୍ୱାସ୍ଥ୍ୟର ଯତ୍ନ ନେବା ଆଜିର ସମୟରେ ନିହାତି ଆବଶ୍ୟକ । ଏହି ପରିପ୍ରେକ୍ଷିରେ ସେ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାଓ୍ୱତଙ୍କୁ ଏକ ସଫଳ ଚାଷୀ ଭାବେ ଉଦାହରଣ ଦେଇଥିଲେ । ରାସାୟନିକ ସାର ଓ କୀଟନାଶକ ବଦଳରେ ଜୈବିକ ଖତ, ସାର ଇତ୍ୟାଦି ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ । ଓୟୁଏଟି ମୃତ୍ତିକା ଓ ରସାୟନ ବିଭାଗର ବିଶିଷ୍ଟ କୃଷି ବୈଜ୍ଞାନିକ ଡ଼. ସୁବୋଧ କୁମାର ସାହୁ ଓ ଡ଼. ରବୀନ୍ଦ୍ର କୁମାର ନାୟକଙ୍କ ଦ୍ୱାରା ରଚିତ 'ଓଡ଼ିଶାର ମୃତ୍ତିକା ସମସ୍ୟା ଏବଂ ତା'ର ପରିଚାଳନା' ଶୀର୍ଷକ ଏକ ପୁସ୍ତିକାକୁ ଉନ୍ମୋଚନ କରାଯାଇଥିଲା । କୃଷି ଓ କୃଷକ ସଶକ୍ତିକରଣ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ଼. ଅରବିନ୍ଦ କୁମାର ପାଢ଼ୀ ମୃତ୍ତିକା ସୁସ୍ଥତା ପାଇଁ ମାଟି ପରୀକ୍ଷା ଅନୁଯାୟୀ ସନ୍ତୁଳିତ ସାର ପ୍ରୟୋଗ ଓ ଜୈବିକ କୃଷି ଉପରେ ଗୁରୁତ୍ୱ ଆରୋପ କରିଥିଲେ । ମୃତ୍ତିକା ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ୩ ସୂତ୍ରୀ ପରାମର୍ଶ ପ୍ରଦାନ କରିଥିଲେ । ଏଥିରେ ମୃତ୍ତିକାର ଅବକ୍ଷୟକୁ ରୋକିବା, ଆବଶ୍ୟକ ନ ଥିଲେ ସାର ବ୍ୟବହାର କରିବା ନାହିଁ ଏବଂ ନିରନ୍ତର ମୃତ୍ତିକା ପରିଚାଳନା ଅଭ୍ୟାସ ରହିଛି । କୃଷି କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ ତଥା ପାରମ୍ପରିକ ଶସ୍ୟର ସଂରକ୍ଷଣ ପାଇଁ ଆଜି ମାଣ୍ଡିଆ ରାଣୀ ରାଇମତି ଘିଉରିଆଙ୍କୁ ଗୁରୁବାର ରାଷ୍ଟ୍ରପତି ସମ୍ମାନଜନକ ଡକ୍ଟରେଟ ଉପାଧି ପ୍ରଦାନ କରିଛନ୍ତି । କୃଷି ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧାରୀ ମୃତ୍ତିକା ସ୍ୱାସ୍ଥ୍ୟ ସମ୍ପର୍କିତ ବିବରଣୀ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗର ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ ଓଡ଼ିଶା ମୃତ୍ତିକାର ଅବକ୍ଷୟ ଓ ତା'ର ପୁନରୁଦ୍ଧାର ସମ୍ପର୍କରେ କହିଥିଲେ । ବିଶ୍ୱ ମୃତ୍ତିକା ଦିବସ ଆନୁକୂଲ୍ୟରେ ହୋଇଥିବା ପୋଷ୍ଟର ପ୍ରତିଯୋଗିତାରେ ଟିକିରାଣୀ ଦାସ, ଜଗଦୀଶ ମାଝୀ, ଶୁଭଶ୍ରୀ ମୁଦୁଲୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ବୈଷୟିକ ଉପସ୍ଥାପନ ବିଭାଗରେ ରାଜ ପ୍ରତୀକ ଦାସ, ସୁଲଗ୍ନା ମହାନ୍ତି, ଶୟନ୍ତୀକା ଭୌମିକ, ସୃଷ୍ଟି ସୌରଭ ମିଶ୍ର ପୁରସ୍କୃତ ହୋଇଥିଲେ । ସେହିଭଳି ମୃତ୍ତିକା ସ୍ୱାସ୍ଥ୍ୟ ଉପରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ନିମନ୍ତେ ଅନୁଗୁଳର ସରତୁକା ଚନ୍ଦ୍ର ଦେହୁରୀ, ବରଗଡ଼ର ଶ୍ୟାମଘନ ପ୍ରଧାନ, ଯାଜପୁରର କିଶୋରିକାନ୍ତ ରାଉତ, ଝାରସୁଗୁଡ଼ାର ନଳିନୀ ପଟେଲ, କନ୍ଧମାଳର ବୃନ୍ଦାବନ ମଲ୍ଲିକ, ସମ୍ବଲପୁରର ସନ୍ତୋଷ ଧାରୁଆ ଓ ସୁନ୍ଦରଗଡ଼ର ଅମିତ କୁମାର ନାଏକଙ୍କୁ ଉପମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ୫ଜଣ କୃଷକଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା । ଶେଷରେ ଯୁଗ୍ମ କୃଷି ନିର୍ଦ୍ଦେଶକ ବସନ୍ତ କୁମାର ଧନ୍ୟବାଦ ଅର୍ପଣ କରିଥିଲେ ।

୧୦.୫ କୋଟି ନିବେଶକଙ୍କ ମଧ୍ୟରେ ୨.୫ କୋଟି ମହିଳା

ନୂଆଦିଲ୍ଲୀ,୦୫/୧୨
ଘରର ଚାରି କାନ୍ଥ ଭିତରୁ ବାହାରକୁ ଆସୁଛନ୍ତି ମହିଳା । ଅର୍ଥନୈତିକ କ୍ଷେତ୍ରରେ ଦେଖିବାକୁ ମିଳୁଛି ସେମାନଙ୍କର ଭାଗିଦାରୀତା । ରୋଜଗାର କରିବା ସହିତ ସେମାନଙ୍କର ବଢିଛି ସଞ୍ଚୟ ମାନସିକତା । ମହିଳାମାନେ ନିବେଶ କରିବାରେ ଆଉ ପଛୁଆ ନାହାନ୍ତି। ଆକ୍ସିସ୍ ମ୍ୟୁଚୁଆଲ୍ ଫଣ୍ଡର ପ୍ରତି ୪ ଜଣରେ ରହିଛନ୍ତି ଜଣେ ମହିଳା ନିବେଶକ । ୧୦.୫ କୋଟି ନିବେଶକଙ୍କ ମଧ୍ୟରେ ୨.୫ କୋଟି ମହିଳା । ଏହି ତାଲିକାରେ ଗୋଆରେ ରହିଛନ୍ତି ସବୁଠୁ ଅଧିକ ମହିଳା ନିବେଶକ। ନ୍ୟାସ୍‌ନାଲ ଷ୍ଟକ୍ ଏକ୍ସଚେଞ୍ଜର ତଥ୍ୟର ଏକ ଅଧ୍ୟୟନରୁ ଏହି ତଥ୍ୟ ଜଣାପଡ଼ିଛି । ଏନ୍‌ଏସ୍‌ଇର ତଥ୍ୟ ଅନୁସାରେ, ଅକ୍ଟୋବର ସୁଦ୍ଧା ଦେଶର ସେୟାର ବଜାରରେ ମୋଟ ୧୦.୫୫ କୋଟି ଥିଲେ ବ୍ୟକ୍ତିଗତ ନିବେଶକ। ଏଥିମଧ୍ୟରୁ ମହିଳାଙ୍କ ଅଂଶ ୨.୫୨ କୋଟି ବା ୨୩.୯% ରହିଛି । ସେହିପରି ମହାରାଷ୍ଟ୍ର, ଗୁଜରାଟ, ତାମିଲନାଡୁ ଏବଂ କେରଳ ଭଳି ରାଜ୍ୟଗୁଡ଼ିକରେ ମୋଟ ସେୟାର ନିବେଶକଙ୍କ ମଧ୍ୟରେ ମହିଳାଙ୍କ ଭାଗ ୨୭%ରୁ ରହିଛି ଅଧିକ । ସେହିପରି ଏ ବର୍ଷ ଦିଲ୍ଲୀରେ ମହିଳା ନିବେଶକଙ୍କ ଭାଗ ୨୯.୮% ପର୍ଯ୍ୟନ୍ତ ପହଞ୍ଚିଯାଇଛି । ଗୋଆରେ ମୋଟ ନିବେଶକଙ୍କ ମଧ୍ୟରେ ମହିଳାଙ୍କ ଅଂଶ ସବୁଠାରୁ ଅଧିକ ୩୨% ହୋଇଛି । ଏହାବ୍ୟତୀତ ଚଣ୍ଡିଗଡ ଏବଂ ମିଜୋରାମରେ ବି ମହିଳା ନିବେଶକଙ୍କ ଅଂଶ ୩୧%ରୁ ଅଧିକ ରହିଛି । ଅକ୍ଟୋବରରେ ପୁଞ୍ଜି ବଜାରରେ ବର୍ଦ୍ଧିତ ଉତ୍‌ଥାନ ପତନ ଯୋଗୁ ନୂଆ ନିବେଶକଙ୍କ ସଂଖ୍ୟା ହ୍ରାସ ପାଇଛି । ଏନ୍‌ଏସ୍‌ଇ ତଥ୍ୟ ଅନୁସାରେ, ଅକ୍ଟୋବରରେ ୧୭.୯ ଲକ୍ଷ ନୂଆ ନିବେଶକ ପଞ୍ଜୀକରଣ କରାଇଛନ୍ତି । ଏହା ୫ ମାସରେ ସବୁଠୁ ଧୀମା ଏବଂ ସେପ୍ଟେମ୍ବର ତୁଳନାରେ ୧୮% କମ୍ । ସେହିପରି ସେପ୍ଟେମ୍ବରରେ ୨୧.୭ ଲକ୍ଷ ନିବେଶକ ପଞ୍ଜୀକରଣ କରାଇଥିଲେ। ଅକ୍ଟୋବରରେ ନୂଆ ନିବେଶକଙ୍କ ସଂଖ୍ୟା କମିବା ସତ୍ତ୍ୱେ ୨୦୨୪-୨୫ ଆର୍ଥିକବର୍ଷର ଅକ୍ଟୋବର ପର୍ଯ୍ୟନ୍ତ ପ୍ରତି ମାସ ନିବେଶକଙ୍କ ହାରାହାରି ପଞ୍ଜୀକରଣ ଦେଢ଼ ଗୁଣା ବଢ଼ିଛି । ବିଶ୍ଳେଷକଙ୍କ ଅନୁସାରେ, ଉତ୍‌ଥାନ-ପତନ ସତ୍ତ୍ୱେ ବଜାର ଜୋରଦାର ରିଟର୍ଣ୍ଣ ଦେଇଛି । ଏଥିପାଇଁ ଆକର୍ଷଣ ଜାରି ରହିଛି । ଅକ୍ଟୋବରରେ ଉତ୍ତର ପ୍ରଦେଶରେ ସବୁଠାରୁ ଅଧିକ ନିବେଶକ ପଞ୍ଜୀକରଣ କରାଇଛନ୍ତି । ଏ ସମୟରେ ଦେଶ ବ୍ୟାପୀ ଯେତେ ନୂଆ ନିବେଶକ ସେୟାର ଟ୍ରେଡିଂ ପାଇଁ ପଞ୍ଜୀକରଣ କରିଥିଲେ ସେଥିମଧ୍ୟରୁ ସବୁଠୁ ଅଧିକ ୧୩.୩% ବା ୨.୩୮ ଲକ୍ଷ ନିବେଶକ ଉତ୍ତର ପ୍ରଦେଶରୁ ଅଛନ୍ତି । ୨.୩୭ ଲକ୍ଷ ନୂଆ ନିବେଶକଙ୍କ ସହ ମହାରାଷ୍ଟ୍ର ଏ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ରହିଛି । ଆଶ୍ଚର୍ଯ୍ୟର ବିଷୟ ହେଉଛି ଅକ୍ଟୋବରରେ ଉତ୍ତର ପ୍ରଦେଶରେ ନୂଆ ପଞ୍ଜୀକରଣ ସେପ୍ଟେମ୍ବର ତୁଳନାରେ ୧୯.୮% ଖସିଛି। ଅନ୍ୟପକ୍ଷରେ ଦେଶବ୍ୟାପୀ ହାରାହାରି ହ୍ରାସ ୧୮% ରହିଛି ।

କେନ୍ଦୁଝର ଓ ଦେବଗଡ଼ରେ ମିଳିଛି ସୁନା ଖଣିର ସନ୍ଧାନ : ମନ୍ତ୍ରୀ

ଭୁବନେଶ୍ୱର ୦୫।୧୨ ନ୍ୟୁଜ ବ୍ୟୁରୋ
କେନ୍ଦୁଝର ଓ ଦେବଗଡ଼ରେ ସୁନା ଖଣିର ସନ୍ଧାନ ମିଳିଛି । ଦେବଗଡ଼ ଜିଲ୍ଲାର ରାମପଲୀ ଓ କେନ୍ଦୁଝରର ଗୋପୁର-ଗଜିପୁର ଅଞ୍ଚଳରେ ସୁନା ଖଣିର ସନ୍ଧାନ ମିଳିଛି । ବିଧାନସଭାରେ ଖଣି ମନ୍ତ୍ରୀ ବିଭୂତି ଜେନା ଏହି ସୂଚନା ଦେଇଛନ୍ତି । ବିଧାନସଭାରେ ବିଧାୟକ ଅଶ୍ୱିନୀ ପାତ୍ର ଏବଂ ଉପାସନା ମହାପାତ୍ରଙ୍କ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ଯେ, ଦେବଗଡ ଜିଲ୍ଲାର ଆଡାସ-ରାମପଲ୍ଲୀ ଅଞ୍ଚଳରେ ଭାରତୀୟ ଭୂ-ବୈଜ୍ଞାନିକ ସଂସ୍ଥା ଦ୍ୱାରା ଜି-

୨ ସ୍ତରରେ ଅନୁସନ୍ଧାନ କାର୍ଯ୍ୟ ସରିଛି । କେନ୍ଦୁଝର ଜିଲ୍ଲାର ଗୋପୁର-ଗଜିପୁର ଅଞ୍ଚଳରେ ଜି-୩ ସ୍ତରର ଅନୁସନ୍ଧାନରେ ସନ୍ତୋଷଜନକ ଫଳାଫଳ ବାହାରିଛି । ଏହି ସବୁ ଅଞ୍ଚଳରେ ଭାରତୀୟ ଭୂ-ବୈଜ୍ଞାନିକ ସଂସ୍ଥା ଓ ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟର ସହଭାଗିତାରେ ଜି-୨ ସ୍ତରରେ ଅନୁସନ୍ଧାନ କାର୍ଯ୍ୟ ଚାଲୁ ରହିଛି । ଅନୁସନ୍ଧାନକାରୀ ସଂସ୍ଥାମାନେ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କଲା ପରେ ବୈଷୟିକ କମିଟିର ସୁପାରିସକ୍ରମେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ।

ଏବେ ବଜାରରେ ଉପଲବ୍ଧ...
ମାସିକ ଗଳ୍ପ ପତ୍ରିକା 'କଥାକଳିକା': ଡିସେମ୍ବର-୨୪ ସଂଖ୍ୟା

ଏଥର ସଂଖ୍ୟାରେ...
ସ୍ମରଣୀୟ କଥା : ଗଙ୍ଗାଧର ବିଶ୍ୱାଳ।
ସମକାଳର କଥା : ସୀମାଞ୍ଚଳ ଦାଶ, ବିପ୍ଳବ ରଞ୍ଜନ ପତି, ରଜନୀକାନ୍ତ ମିଶ୍ର, କନକମଞ୍ଜରୀ ମିଶ୍ର, ବିଦ୍ୟାଧର ଗୁରୁ, ମନୋଜ କୁମାର ଜେନା, ସୁକାନ୍ତି ରାଉତ, ସ୍ୱାଗତିକା ସେଠୀ।
ଅନ୍ୟ ଭାଷାର କଥା : ଅଶୋକ କୁମାର ସା।
ଯୁବ ମାନସର କଥା : ସନ୍ତୋଷୀ ସ୍ୱାଇଁ, ପାରମିତା ସାହୁ, ପ୍ରଭାତୀ ଜେନା, ସୁଷମା ଲେଙ୍କା, ବିନୋଦିନୀ ଗନ୍ତାୟତ, ପଦ୍ମାଳୟା ପାଢ଼ୀ।
(ଗାହିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)
ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com
ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୪

୭ଟି ବିଭାଗରେ ଓଡ଼ିଶାକୁ ମିଳିବ ପୁରସ୍କାର

ଭୁବନେଶ୍ୱର,୫/୧୨ ନ୍ୟୁଜ ବ୍ୟୁରୋ
କେନ୍ଦ୍ର ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ 'ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୪'ରେ ଓଡ଼ିଶାକୁ ସାତଗୋଟି ବିଭାଗରେ ପୁରସ୍କୃତ କରାଯିବ।